# ଅଧ୍ୟାୟ-V

## କାର୍ଯ୍ୟସମ୍ପାଦନା ସମୀକ୍ଷା

## (ଅଣ-ଶକ୍ତିକ୍ଷେତ୍ର)

# ଅଧ୍ୟାୟ -V

## 5. ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ)ର କାର୍ଯ୍ୟ ସମ୍ପାଦନ ସମୀକ୍ଷା

### ଉପକ୍ରମ

**5.1** ଓଡ଼ିଶା ଶିଳ୍ପ ଭିତ୍ତି ସଂରଚନା ଉନ୍ନୟନ ନିଗମ (ଇଡ୍‌କୋ), ଓଡ଼ିଶା ଶିଳ୍ପ ଭିତ୍ତି ସଂରଚନା ଉନ୍ନୟନ ନିଗମ ଅଧିନିୟମ, 1980 ର ଧାରା 3 ଅନୁଯାୟୀ 5 ଜାନୁଆରୀ 1981ରେ ଗଠନ କରାଯାଇଥିଲା। ଓଡ଼ିଶାର ଶିଳ୍ପାଞ୍ଚଳ (ଆଇଏ) ଏବଂ ଶିଳ୍ପ ମାହଲରେ (ଆଇଇ) ଦ୍ରୁତ ଓ କ୍ରମବର୍ଦ୍ଧିଷ୍ଣୁ ବିକାଶକୁ ସୁରକ୍ଷିତ ଓ ସାହାଯ୍ୟ କରିବା ଉଦ୍ଦେଶ୍ୟ ନେଇ ଏହାର ସ୍ଥାପନା କରାଯାଇଥିଲା। ଶିଳ୍ପଗୁଡ଼ିକୁ ଭଡ଼ା ସୂତ୍ରରେ କୋଠା ଯୋଗାଇ ଦେବା ପାଇଁ ମଧ୍ୟ ନିଗମକୁ ଅଧିକାର ଦିଆଯାଇଥିଲା। ଭାରତ ସରକାରଙ୍କ ଉଦାରୀକରଣ ନୀତି, 1991 ଅନ୍ୱେଷଣରେ ଓଡ଼ିଶା ସରକାର ମଧ୍ୟ ରାଜ୍ୟର ଶିଳ୍ପ ବିକାଶ ଦିଗରେ ଉନ୍ନତି ପାଇଁ, ଶିଳ୍ପ ନୀତି ନିର୍ଦ୍ଧାରଣ (ଆଇପିଆର) ମାଧ୍ୟମରେ ଅନ୍ୟାନ୍ୟ ଦିଗ ଛଡା ଶିଳ୍ପ ଓ ସାମାଜିକ ଭିତ୍ତିଭୂମିରେ ମଧ୍ୟ ନୀତି ନିର୍ଦ୍ଧାରଣ କରିବାକୁ ଅଗ୍ରସର ହୋଇଥିଲେ।

ଭିତ୍ତିଭୂମିର ବିକାଶ ପାଇଁ ଜମିର ଉପଲବ୍ଧତାକୁ ପ୍ରାଥମିକତା ସୂତ୍ରରେ ଆଇପିଆର୍, 2001 ରେ ଭୂମି ବ୍ୟାଙ୍କର ଗଠନ ପାଇଁ ପ୍ରସ୍ତାବ ଦିଆଯାଇଥିଲା ଏବଂ ଇଡ୍‌କୋକୁ ସମ୍ଭାବ୍ୟ ଅବସ୍ଥାନରେ ଜମି ପରିଚୟ କରିବା ପାଇଁ ଓ ରାଜସ୍ୱ ଅଧିକାରୀଙ୍କ ଠାରୁ ଅଧିକାର ନେଇ ସମ୍ଭାବ୍ୟ ନିବେଶକ ମାନଙ୍କୁ ଜମି ବଣ୍ଟନ ପାଇଁ ମୁଖ୍ୟ ଦାୟିତ୍ୱ ଦିଆଯାଇଥିଲା। ଇଡ୍‌କୋର ଭୂମିକାକୁ ଆଇପିଆର୍, 2007 ମାଧ୍ୟମରେ ମଧ୍ୟ ବର୍ଦ୍ଧିତ କରାଯାଇଥିଲା, ଯେଉଁଥିରେ କି ଇଡ୍‌କୋକୁ ବିସ୍ତୃତ ଭୂମି ପରିଚାଳନା ନିୟମାବଳୀ ଗଠନ କରିବାକୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଆଇପିଆର୍, 2015 ଇଡ୍‌କୋକୁ ଶିକ୍ଷା ଓ ଚିକିତ୍ସାନୁଷ୍ଠାନ ନିମନ୍ତେ ଜମି ବଣ୍ଟନ ଉଦ୍ଦେଶ୍ୟରେ ଜମିର ମୂଲ୍ୟ ନିର୍ଦ୍ଧାରଣ କରିବାକୁ ମଧ୍ୟ ଅଧିକାର ଦେଇଥିଲା।

### ସାଙ୍ଗଠନିକ ବ୍ୟବସ୍ଥା

**5.2** ଇଡ୍‌କୋ, ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରେ। ଇଡ୍‌କୋର ବ୍ୟବସାୟିକ ଏବଂ ସାଧାରଣ ଅଧୀକ୍ଷଣ, ନିର୍ଦ୍ଦେଶାବଳୀ ତଥା ପରିଚାଳନା ଦାୟିତ୍ୱ ଏହାର ଏକ 13 ଜଣିଆ ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକଙ୍କ (ସିଏମ୍‌ଡି) ଅଧିନରେ ସମ୍ପାଦନ କରାଯାଏ, ଯାହାକୁ ଛଅ ଜଣ ମୁଖ୍ୟ ସାଧାରଣ ପରିଚାଳକ (ସିଜିଏମ୍[48]) ସାହାଯ୍ୟ କରନ୍ତି। ଇଡ୍‌କୋ ଏହାର କାର୍ଯ୍ୟଗୁଡ଼ିକୁ 17 ଟି ବିଭାଜନ କାର୍ଯ୍ୟାଳୟ ଦ୍ୱାରା ନିର୍ବାହ କରେ, ଯାହା ମଧ୍ୟରୁ ଆଠଟି ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟକ୍ଷମ ଅଟେ ଏବଂ ବାକି ନଅଟି ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକ୍ଷମ ଅଛି।

### ସମୀକ୍ଷାର ପରିସର

**5.3** ଏହି କାର୍ଯ୍ୟସମ୍ପାଦନର ସମୀକ୍ଷାକୁ ଅପ୍ରେଲ ଠାରୁ ଡିସେମ୍ବର 2019 ମଧ୍ୟରେ ସଞ୍ଚାଳିତ କରାଯାଇଥିଲା ଏବଂ ଏଥିରେ ମାର୍ଚ୍ଚ 2019 ସୁଦ୍ଧା ଗତ ପାଞ୍ଚ ବର୍ଷର ଇଡ୍‌କୋ ଦ୍ୱାରା ସମ୍ପାଦିତ ଭିତ୍ତିଭୂମିର ବିକାଶ ଓ ପ୍ରକଳ୍ପ ପରିଚାଳନା କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ଥିଲା। ଇଡ୍‌କୋ ଦ୍ୱାରା ସମ୍ପାଦିତ କାର୍ଯ୍ୟଗୁଡ଼ିକୁ ସ୍ତରିତ ଅନିୟତ ନମୁନା ଦ୍ୱାରା ମନୋନୀତ କରାଯାଇଥିବା ପାଞ୍ଚଟି ବିଭାଜନ କାର୍ଯ୍ୟାଳୟ[49]ର କାଗଜପତ୍ରକୁ ପରୀକ୍ଷା ନିରୀକ୍ଷା କରାଯାଇ ସମୀକ୍ଷା କରାଯାଇଥିଲା। ସମୀକ୍ଷା ପାଇଁ ସରକାରଙ୍କ ଶିଳ୍ପ ବିଭାଗର କାଗଜପତ୍ରକୁ ମଧ୍ୟ ପରୀକ୍ଷା ନିରୀକ୍ଷା କରିଥିଲା। କାର୍ଯ୍ୟ ସମ୍ପାଦନା ସମୀକ୍ଷାର ଉଦ୍ଦେଶ୍ୟ, ମାନଦଣ୍ଡ, ପରିସର ଓ କାର୍ଯ୍ୟପ୍ରଣାଳୀ ଗୁଡିକ ବିଷୟରେ ରାଜ୍ୟ ସରକାର ତଥା ଇଡ୍‌କୋର ପ୍ରତିନିଧିମାନଙ୍କୁ 15 ଅକ୍ଟୋବର 2019 ରେ ଅନୁଷ୍ଠିତ ହୋଇଥିବା ପ୍ରବେଶ ସମ୍ମିଳନୀରେ ବୁଝାଇ ଦିଆଯାଇଥିଲା। ଲେଖାପରୀକ୍ଷାର ଅନୁସିଦ୍ଧାନ୍ତ ଗୁଡିକୁ ଓଡ଼ିଶା ସରକାରଙ୍କ ପ୍ରଧାନ ସଚିବ (ଶିଳ୍ପ ବିଭାଗ) ଏବଂ ଇଡ୍‌କୋର ସିଏମ୍‌ଡି ତଥା ବରିଷ୍ଠ ଅଧିକାରୀମାନଙ୍କ ସହିତ 24 ଅଗଷ୍ଟ 2020 ରେ ହୋଇଥିବା ପ୍ରସ୍ଥାନ

48 ସିଜିଏମ୍ (ସିଭିଲ), ସିଜିଏମ୍ (ଯୋଜନା ଏବଂ ସହଯୋଗ), ସିଜିଏମ୍ (ଏମ୍‌ଏସ୍‌ଏମ୍‌ଇ), ସିଜିଏମ୍ (ପିଆଣ୍ଡଏ), ସିଜିଏମ୍ (ଜମି) ଏବଂ ସିଜିଏମ୍ (ଅର୍ଥ)।

49 କଟକ, ଯାଜପୁର ରୋଡ୍, ବ୍ରହ୍ମପୁର, ଏମ୍‌ଏସ୍‌ଏମ୍‌ଇ-I ଏବଂ ଏମ୍‌ଏସ୍‌ଏମ୍‌ଇ -II।

ସମ୍ମିଳନୀରେ ବିଚାର କରାଯାଇଥିଲା। ରାଜ୍ୟ ସରକାର ତଥା ଇଡ୍‌କୋର ପ୍ରତିକ୍ରିୟା ଗୁଡିକୁ ପ୍ରାପ୍ତାନୁଯାୟୀ ପ୍ରତିବେଦନର ଚୂଡାନ୍ତ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଇଥିଲା।

## ସମୀକ୍ଷା ଉଦ୍ଦେଶ୍ୟ

**5.4** କାର୍ଯ୍ୟ ସମ୍ପାଦନର ସମୀକ୍ଷା ଶିଳ୍ପ ବିକାଶ ଦିଗରେ ଇଡ୍‌କୋର ଭୂମିକାକୁ ଆର୍ଥିକ, ଦକ୍ଷତା ଓ ପ୍ରଭାବୀ ଦୃଷ୍ଟିରୁ ନିମ୍ନଲିଖିତ କ୍ଷେତ୍ରଗୁଡିକରେ ମୂଲ୍ୟାଙ୍କନ କରାଯାଇ ଥିଲା ଯେ:

- ଶିଳ୍ପାନୁଷ୍ଠାନ ମାନଙ୍କ ପାଇଁ ଭୂମିର ଅଧିଗ୍ରହଣ ଏବଂ ବଣ୍ଟନ;
- ଶିଳ୍ପାଞ୍ଚଳ/ ଶିଳ୍ପ ମାହଲର ବିକାଶ ଓ ରକ୍ଷଣାବେକ୍ଷଣ;
- ଭାରତ ସରକାରଙ୍କ ଯୋଜନା ଅନ୍ତର୍ଗତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକଳାପ;
- ଶିଳ୍ପ ସଂସ୍ଥାମାନଙ୍କୁ କୋଠା ଏବଂ କମ୍ପ୍ଲେକ୍ସ ଗୁଡିକ ଭଡା ସୂତ୍ରରେ ଉପଲବ୍ଧ କରିବା; ଏବଂ
- ସକ୍ରିୟ ଆର୍ଥିକ ପରିଚାଳନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପଦକ୍ଷେପ।

## ସମୀକ୍ଷା ମାନଦଣ୍ଡ

**5.5** ସମୀକ୍ଷା ଉଦ୍ଦେଶ୍ୟ ଗୁଡିକୁ ହାସଲ କରିବା ପାଇଁ ନିମ୍ନଲିଖିତ ମାନଦଣ୍ଡ ଗୁଡିକୁ ଗ୍ରହଣ କରାଯାଇଥିଲା:

- ଓଆଇଆଇଡିସି ଅଧିନିୟମ, 1980 ଏବଂ ଓଆଇଆଇଡିସି ନିୟାମବଳୀ, 1981;
- ଓଡ଼ିଶା ଶିଳ୍ପ (ସୁବିଧାକରଣ) ଅଧିନିୟମ, 2004;
- ଓଆଇଆଇଡିସି (ଭୂମି, କୋଠା ଓ ସୁବିଧାର ନିକାଶ) ବିନିୟମ, 2016;
- ଓଡ଼ିଶା ଜଳସେଚନ ନିୟାମବଳୀ, 1961;
- ବିଭିନ୍ନ ପ୍ରକଳ୍ପ କାର୍ଯ୍ୟନିର୍ବାହର ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଯୋଜନା ନିର୍ଦ୍ଦେଶାବଳୀ ଓ ବିସ୍ତୃତ ପ୍ରକଳ୍ପ ରିପୋର୍ଟ, ଏବଂ
- ଓଡ଼ିଶା ସରକାର ଓ ଇଡ୍‌କୋ ଦ୍ୱାରା ଜାରି କରାଯାଇଥିବା ପରିପତ୍ର ଆଦେଶ, ନିର୍ଦ୍ଧାରଣ ଏବଂ ବିଜ୍ଞପ୍ତି।

## ଆର୍ଥିକ ସ୍ଥିତି ଏବଂ କାର୍ଯ୍ୟ ପରିଚାଳନା ପରିଣାମ

**5.6** ଇଡ୍‌କୋର 31 ମାର୍ଚ୍ଚ 2019 ସୁଦ୍ଧା ଗତ ପାଞ୍ଚ ବର୍ଷର ଆର୍ଥିକ ସ୍ଥିତି ଏବଂ କାର୍ଯ୍ୟ ପରିଚାଳନା ପରିଣାମର ବିସ୍ତୃତ ବିବରଣୀ **ପରିଶିଷ୍ଟ-8** ରେ ଦର୍ଶାଗଲା:

- ଇଡ୍‌କୋର ଆର୍ଥିକ ସ୍ଥିତିରୁ ଏହା ଦେଖାଗଲା ଯେ, ପୁଞ୍ଜି ପାଣ୍ଠି ଆର୍ଥିକ ବର୍ଷ 2014-15 ରେ 1,336.71 କୋଟି ଟଙ୍କାରୁ ଆର୍ଥିକ ବର୍ଷ 2018-19 ରେ 1,796.01 କୋଟି ଟଙ୍କାକୁ ବୃଦ୍ଧି ହୋଇଥିଲା। ଏହି ପୁଞ୍ଜି ପାଣ୍ଠିର ବୃଦ୍ଧି ହେବାର କାରଣଗୁଡିକ ଇଡ୍‌କୋର ଲାଭ ଏବଂ ଶିଳ୍ପାଞ୍ଚଳ ମାହରରେ ଲିଜ୍ ଦିଆଯାଇଥିବା ଭୂମିର ପ୍ରମିୟମର ବୃଦ୍ଧି ଯୋଗୁ ହୋଇଥିଲା।

- ବିଭିନ୍ନ ଶିଳ୍ପ ଭିତ୍ତିଭୂମିର ବିକାଶ କାର୍ଯ୍ୟ ସମ୍ପାଦନ ପାଇଁ ଭାରତ ସରକାର/ ଓଡ଼ିଶା ସରକାର ତରଫରୁ ଇଡ୍‌କୋ 2014-19 ମଧ୍ୟରେ ପାଇଥିବା 227.80 କୋଟି ଟଙ୍କାର ଅନୁଦାନ ଅଣ-ସାମ୍ପ୍ରତିକ ଦେୟର ଅଂଶ ଥିଲା।

- ସମୀକ୍ଷାରୁ ଦେଖାଗଲା ଯେ, ଉପରେ ପ୍ରଦତ୍ତ ସ୍ଥିର ଲାଭ ଇଡ୍‌କୋ ଦ୍ୱାରା କାର୍ଯ୍ୟ ସମ୍ପାଦନରୁ ଉପାର୍ଜିତ ହୋଇନଥିଲା। ବରଂ ଇଡ୍‌କୋ ଏହି ଲାଭକୁ ସରକାରଙ୍କଠାରୁ ପାଇଥିବା ଅବ୍ୟବହୃତ ଅନୁଦାନର ସୁଧ ଆକାରରେ ଉପାର୍ଜିତ କରିଥିଲା। ଇଡ୍‌କୋ ଉପାର୍ଜିତ କରିଥିବା ଜମା ଉପରେ ସୁଧ (ଅଣ କାର୍ଯ୍ୟରତ ଆୟ)

79.86 କୋଟି ଟଙ୍କାରୁ 100.58 କୋଟି ଟଙ୍କା ପରିସର ମଧ୍ୟରେ ଥିଲା। ତଥାପି, ଏହାର କର ବସାଣପର ଲାଭ କମ୍ ଥିଲା ଏବଂ ଏହା 30.02 କୋଟି ଟଙ୍କା ରୁ 60.72 କୋଟି ଟଙ୍କା ପରିସର ମଧ୍ୟରେ ଥିଲା ଯାହାକି ଆର୍ଥିକ ବର୍ଷ 2014-19 ମଧ୍ୟରେ କାର୍ଯ୍ୟରତ କ୍ଷତି 2.63 କୋଟି ଟଙ୍କାରୁ 38.41 କୋଟି ଟଙ୍କା ଯୋଗୁ ହୋଇଥିଲା।

## ସମୀକ୍ଷା ସିଦ୍ଧାନ୍ତ

## ଭୂମି ଅଧିଗ୍ରହଣ ଏବଂ ଶିଳ୍ପାନୁଷ୍ଠାନ ମାନଙ୍କୁ ବଣ୍ଟନ

**5.7** ଶିଳ୍ପ ଭିତ୍ତିଭୂମିର ବିକାଶ ନିମନ୍ତେ ଭୂମିର ଉପଲବ୍ଧି ପ୍ରାଥମିକ ଅଟେ। କ୍ରମାଗତ ଆଇପିଆର ଇଡ୍‌କୋକୁ ଭୂମି ଚିହ୍ନଟ କରିବା ପାଇଁ ଦାୟିତ୍ୱ ନ୍ୟସ୍ତ କରିଥିଲା ଏବଂ ପ୍ରଶାସନିକ ଦେୟ ହିସାବରେ ଭୂମି ମୂଲ୍ୟ ଉପରେ 10 ପ୍ରତିଶତ ଆଦାୟ କରି ସରକାରଙ୍କ ଠାରୁ ଜମି ଅଧିଗ୍ରହଣ କରି ବୃହତ ଶିଳ୍ପ ସଂସ୍ଥାମାନଙ୍କୁ ବଣ୍ଟନ କରିବାର ଦାୟିତ୍ୱ ଦେଇଥିଲା। ଏହି ପ୍ରକ୍ରିୟାରେ, ଆଇପିଆର୍ ମାଧ୍ୟମରେ ଇଡ୍‌କୋ ରିହାତି ଦରରେ ଭୂମି ପ୍ରୋତ୍ସାହନ ଭାବେ ଯୋଗାଇ ଦେବାର ଥିଲା। ମାର୍ଚ୍ଚ 2019 ପର୍ଯ୍ୟନ୍ତ ଇଡ୍‌କୋ ଦ୍ୱାରା ସାମଗ୍ରିକ ଭାବରେ ଜମି ଅଧିଗ୍ରହଣ ଓ ବଣ୍ଟନର ହିସାବକୁ ନିମ୍ନରେ ଦର୍ଶାଗଲା:

**ସାରଣୀ 5.1: ମାର୍ଚ୍ଚ 2019 ପର୍ଯ୍ୟନ୍ତ ଇଡ୍‌କୋ ଦ୍ୱାରା ଜମି ଅଧିଗ୍ରହଣ ଓ ବଣ୍ଟନର ସ୍ଥିତି**

*(ଦୁଇ ଦଶମିକ ପର୍ଯ୍ୟନ୍ତ କ୍ଷେତ୍ର ଏକରରେ)*

| | ସରକାର | ବେସରକାରୀ | ମୋଟ୍ |
|---|---|---|---|
| **ବୃହତ ଶିଳ୍ପ ପାଇଁ ଜମି** | | | |
| ଆବେଦନ | 43,586.40 | 86,395.83 | 1,29,982.23 |
| ଅଧିଗ୍ରହିତ | 24,704.59 | 49,825.67 | 74,530.26 |
| ବଣ୍ଟିତ | 22,104.39 | 44,932.29 | 67,036.68 |
| **ଶିଳ୍ପାଞ୍ଚଳ ଓ ଶିଳ୍ପ ମାହଲରେ ଏମ୍‌ଏସ୍‌ଏମ୍‌ଇ** | | | |
| ଅଧିଗ୍ରହିତ | 24,084.28 | 0 | 24,084.28 |
| ବଣ୍ଟିତ | 14,649.09 | 0 | 14,649.09 |

*(ଉତ୍ସ: ଇଡ୍‌କୋ ଦ୍ୱାରା ପ୍ରଦତ୍ତ ତଥ୍ୟ)*

ବୃହତ ଶିଳ୍ପାନୁଷ୍ଠାନ ମାନଙ୍କ ପାଇଁ ଆର୍ଥିକ ବର୍ଷ 2014-15 ରୁ 2018-19 ମଧ୍ୟରେ ହୋଇଥିବା ଜମି ଅଧିଗ୍ରହଣ/ବଣ୍ଟନକୁ ଯାଞ୍ଚ କରି ନିମ୍ନଲିଖିତ ପ୍ରକାଶିତ ହେଲା:

### *ଭୂମି ବ୍ୟାଙ୍କ ଯୋଜନାର କାର୍ଯ୍ୟକାରିତା ଏବଂ ଜମି ବଣ୍ଟନରେ ବିନିୟମ ପ୍ରଣୟନ କରିବାରେ ଅକ୍ଷମତା*

**5.7.1** ଆଇପିଆର 2007 ଇଡ୍‌କୋକୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ (ଆର୍‌ଆଣ୍ଡଡିଏମ୍) ସହଯୋଗରେ ଭୂମି ବ୍ୟାଙ୍କ ଯୋଜନାକୁ ବଳିଷ୍ଠ ରୂପେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଆର୍‌ଆଣ୍ଡଡିଏମ୍ ବିଭାଗର ବିଜ୍ଞପ୍ତି (ନଭେମ୍ବର 2015) ଅନୁଯାୟୀ ଭୂମିଗୁଡିକୁ 'ଏ' ବର୍ଗ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଥିଲା, ଯେଉଁଗୁଡିକୁ ଇଡ୍‌କୋକୁ ଆବଶ୍ୟକତାନୁଯାୟୀ ବିଦ୍ୟମାନ ଆଇପିଆର୍ ଦରରେ ହସ୍ତାନ୍ତର କରାଯାଇଥିଲା ଯାହା ପୂର୍ବ ନିର୍ଦ୍ଧାରିତ ଶିଳ୍ପାନୁଷ୍ଠାନ ମାନଙ୍କୁ ବ୍ୟବହାର ଉପଯୋଗୀ ଜମି ହିସାବରେ ବଣ୍ଟନ କରାଯାଏ ଏବଂ 'ବି' ବର୍ଗ ହିସାବରେ ସେହି ଜମିଗୁଡିକୁ ସଂରକ୍ଷଣ କରାଯାଇଥିଲା, ଯାହାପାଇଁ ପ୍ରକଳ୍ପ ପ୍ରାଥମିକତା ଚୂଡାନ୍ତ ହୋଇନଥିଲା। ଏହି ଉପରୋକ୍ତ ବିଜ୍ଞପ୍ତି ମଧ୍ୟ ଭୂମି ବ୍ୟାଙ୍କରୁ ଉଚିତ୍ ଓ ସ୍ୱଚ୍ଛ ପଦ୍ଧତିରେ ଭୂମି ବଣ୍ଟନ କରିବା ପାଇଁ ଉପଯୁକ୍ତ ନିୟମାବଳୀ ପ୍ରଣୟନ କରିବା ପାଇଁ ଇଡ୍‌କୋକୁ ନିର୍ଦ୍ଦେଶ ଦେଇଥିଲା।

ଇଡ୍‌କୋ ଦ୍ୱାରା ଭୂମି ବ୍ୟାଙ୍କ ଯୋଜନାର କାର୍ଯ୍ୟକାରିତାରେ ସମୀକ୍ଷା ଦ୍ୱାରା ନିମ୍ନଲିଖିତ ଗୁଡିକ ଅବଲୋକନ କରାଗଲା।

- ଆର୍ଥିକ ବର୍ଷ 2016-17 ରେ ବର୍ଗ 'ଏ' ରେ 15,000 ଏକର ଏବଂ ବର୍ଗ 'ବି' ରେ 85,000 ଏକରର ଭୂମି ବ୍ୟାଙ୍କ ଗଠନ କରିବା ପାଇଁ ଶିଳ୍ପ ବିଭାଗ ସହିତ ସ୍ୱାକ୍ଷରିତ ଏମ୍‌ଓୟୁରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଏହି ବିଷୟରେ, ଇଡ୍‌କୋ ମାର୍ଚ୍ଚ 2019 ସୁଦ୍ଧା 62,725.05 ଏକରର[50] (62.73 ପ୍ରତିଶତ) ଭୂମି ବ୍ୟାଙ୍କ ଗଠନ କରିପାରିଥିଲା।

- ଜମି ଅଧିଗ୍ରହଣ ମଧ୍ୟରୁ, ଛଅଟି ଜିଲ୍ଲା[51]ର ବର୍ଗ 'ଏ' ଅନ୍ତର୍ଭୁକ୍ତ 9,157.50 ଏକର ଜମିର ପରୀକ୍ଷା ନିରୀକ୍ଷାରୁ ଜଣାପଡିଲା ଯେ, ଏଥିରେ 3,524.65 ଏକର ଜମି (38 ପ୍ରତିଶତ) ଅନଧିକୃତ, ମକଦ୍ଦମାଯୁକ୍ତ ଏବଂ ସରକାରଙ୍କୁ ଫେରସ୍ତ ଜମି ଅନ୍ତର୍ଭୁକ୍ତ ଥିଲା, ଯେଉଁଗୁଡିକ ବଣ୍ଟନଯୋଗ୍ୟ ନଥିଲା ଏଥି ଯୋଗୁ ପୂର୍ବ ନିର୍ଦ୍ଧାରିତ ଶିଳ୍ପାନୁଷ୍ଠାନମାନଙ୍କୁ ବ୍ୟବହାର ଉପଯୋଗୀ ଜମି ଆବଣ୍ଟନର ଉଦ୍ଦେଶ୍ୟ ସାଧନରେ ପ୍ରତିବନ୍ଧକ ହୋଇଥିଲା।

  ଇଡ୍‌କୋ ଉତ୍ତର ଦେଇଥିଲା (ଅଗଷ୍ଟ 2020) ଯେ, ଏହି ବିଷୟକୁ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ଅନୁସରଣ କରି ଅଧିକ ଜମି ଅଧିଗ୍ରହଣ କରାଯାଉଅଛି ଏବଂ ଆବଶ୍ୟକତା ଅନୁଯାୟୀ ଜମି ବଣ୍ଟନ କରିବା ପାଇଁ ପଦକ୍ଷେପ ନିଆଯାଉଅଛି କିମ୍ବା ଅନୁପଯୋଗୀ ଜମିଗୁଡିକୁ ସରକାରଙ୍କୁ ଫେରସ୍ତ କରିବା ପାଇଁ ପଦକ୍ଷେପ ନିଆଯାଉଅଛି।

- ଇଡ୍‌କୋ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି (ନଭେମ୍ବର 2015) ଦ୍ୱାରା ପ୍ରଦତ୍ତ ନୀତିଗୁକୁ ବିଚାରକୁ ନେଇ ଭୂମି ବ୍ୟାଙ୍କରୁ ଜମି ବଣ୍ଟନ ପାଇଁ ଆବଶ୍ୟକୀୟ ବିନିୟମକୁ ବ୍ୟବସ୍ଥିତ କରିପାରି ନଥିଲା। ଏହି ବିନିୟମର ଅଭାବ ଭୂମି ବ୍ୟାଙ୍କରୁ ଉଚିତ୍ ଓ ସ୍ୱଚ୍ଛ ପଦ୍ଧତିରେ ଜମି ବଣ୍ଟନ କରିବାର ଉଦ୍ଦେଶ୍ୟକୁ ପ୍ରଭାବ କରିଥିଲା ଯେଉଁଗୁଡିକୁ ସାମାଜିକ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଜମି ଆବଣ୍ଟନବିଷୟରେ ସମୀକ୍ଷାରେ ପର୍ଯ୍ୟବେକ୍ଷଣ କରାଯାଇଥିଲା ଯାହା ଅନୁଚ୍ଛେଦ 5.8.8 ରେ ଆଲୋଚନା କରାଯାଇଅଛି।

ଇଡ୍‌କୋ ଉତ୍ତର ଦେଇଥିଲା (ଅଗଷ୍ଟ 2020) ଯେ, ଜମି ବିନିୟମ 2016 ରେ ଭୂମି ବ୍ୟାଙ୍କରୁ ଜମି ଆବଣ୍ଟନ କରିବା ପାଇଁ ବ୍ୟବସ୍ଥା ଥିଲା। ଏହି ଉତ୍ତରଟି ଠିକ୍ ନଥିଲା କାରଣ ଭୂମି ବ୍ୟାଙ୍କରୁ ଜମି ଆବଣ୍ଟନ ପାଇଁ ବ୍ୟବସ୍ଥା ଏହି ଜମି ବିନିୟମ 2016 ରେ ଅନ୍ତର୍ଭୁକ୍ତ ନଥିଲା। ଏହା ସହିତ ସାମାଜିକ ଭିତ୍ତିଭୂମି ଛଡା ଅନ୍ୟ ପ୍ରକଳ୍ପ ପାଇଁ ଭୂମି ବ୍ୟାଙ୍କରୁ ଜମି ଆବଣ୍ଟନ କରିବାରେ କୌଣସି ନିର୍ଦ୍ଦିଷ୍ଟ ବିନିୟମର ବ୍ୟବସ୍ଥା ନଥିଲା।

### *ବୃହତ ଶିଳ୍ପାନୁଷ୍ଠାନ ପାଇଁ ଅଧିକା ଜମି ଅଧିଗ୍ରହଣ*

**5.7.2** ଓଡ଼ିଶା ଶିଳ୍ପ (ସୁବିଧା) ଅଧିନିୟମ, 2004 ଅନୁଯାୟୀ ଓଡ଼ିଶା ଶିଳ୍ପ ପ୍ରୋତ୍ସାହନ ଏବଂ ବିନିଯୋଗ ନିଗମ ଲିମିଟେଡ୍ (ଇପିକଲ୍), ଏକ ରାଜ୍ୟ ସରକାରୀ ଉଦ୍ୟୋଗ, ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ପ୍ରାଧିକରଣ ଭୂମିକା ଅନୁଯାୟୀ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (ସିଇଏ)ର ମାନଦଣ୍ଡ ଅନୁଯାୟୀ କୋଇଲା ଆଧାରିତ ତାପଜ ବିଦ୍ୟୁତ କେନ୍ଦ୍ର (ଟିପିପି) ପାଇଁ ପ୍ରତି ଏକ ମେଗାୱାଟ୍ ପାଇଁ ଏକ ଏକର ଆଧାରରେ (ଅକ୍ଟୋବର 2006 ରୁ ଫେବୃୟାରୀ 2009) ମଧ୍ୟରେ ଜମି ଆବଣ୍ଟନ ପାଇଁ ସୁପାରିଶ କରିଥିଲା। ସେମାନଙ୍କର ସୁପାରିଶ ଗୁଡିକ ଇଡ୍‌କୋ ଦ୍ୱାରା ପୁନଃ ମୂଲ୍ୟାଙ୍କନଯୋଗ୍ୟ ବୋଲି ମଧ୍ୟ ଇପିକଲ୍ ଧାର୍ଯ୍ୟ କରିଥିଲା।

ସିଇଏ ମଧ୍ୟ 2010 ରେ ଜମି ଆବଶ୍ୟକତା ଉପରେ ନିଜର ପୂର୍ବ ରିପୋର୍ଟକୁ ସମୀକ୍ଷା କରି ଥିଲା ଏବଂ ଜମିଗୁଡିକର ସର୍ବୋତ୍କୃଷ୍ଟ ଉପଯୋଗ ଉଦ୍ଦେଶ୍ୟରେ ସରକାରୀ ସଂସ୍ଥାମାନଙ୍କୁ ଜମି ଆବଶ୍ୟକତା କମ୍ କରିବା ପାଇଁ ସୁପାରିଶ କରିଥିଲା। ପୁନଶ୍ଚ, ଶିଳ୍ପ ପ୍ରୋତ୍ସାହକ ମାନଙ୍କ ଦ୍ୱାରା ଆବଶ୍ୟକତା ଠାରୁ ଅଧିକ ଜମି ଅଧିଗ୍ରହଣକୁ ରୋକିବା ଉଦ୍ଦେଶ୍ୟରେ ଇଡ୍‌କୋକୁ ଜମିର ବାସ୍ତବବାଦୀ ମୂଲ୍ୟାଙ୍କନ କରିବା ପାଇଁ ଆର୍ ଆଣ୍ଡଡିଏମ୍ ବିଭାଗ (ମେଇ 2012) ମଧ୍ୟ ନିର୍ଦ୍ଦେଶ ଦେଇଥିଲା।

ସମୀକ୍ଷାରୁ ନିମ୍ନଲିଖିତ ଗୁଡିକ ପରିଲକ୍ଷିତ ହୋଇଥିଲା:

---

[50] ବର୍ଗ 'କ' ରେ 12,728.82 ଏକର ଏବଂ ବର୍ଗ 'ଖ' ରେ 49,996.23 ଏକର

[51] ଢେଙ୍କାନାଳ, ଝାରସୁଗୁଡା, ଜଗତସିଂହପୁର, ବୌଦ୍ଧ, କଟକ ଏବଂ ଖୋର୍ଦ୍ଧା

- ଏକ ମେଗାୱାଟ୍ ପାଇଁ ଏକ ଏକର ଜମିର ପୂର୍ବ ନିର୍ଦ୍ଧାରିତ ସୁପାରିଶ ଆଧାରରେ ଇଡ୍‌କୋ (ଜାନୁଆରୀ 2020 ପର୍ଯ୍ୟନ୍ତ) ଜମି ଅଧିଗ୍ରହଣ କରୁଥିଲା। ସମୀକ୍ଷାରେ ଯାଞ୍ଚ କରାଗଲା ଯେ, 11 ଟି ଟିପିପି ମଧ୍ୟରୁ ଗୋଟିଏ ଯଥା, ଷ୍ଟେରିଲାଇଟ୍ ଏନର୍ଜି ଲିମିଟେଡ୍ (ଏସ୍‌ଇଏଲ୍)ର 2,400 ମେଗାୱାଟ୍ ଟିପିପି ପାଇଁ 2,400 ଏକର ଜମିକୁ (ଫେବୃଆରୀ 2009) ସୁପାରିଶ କରାଯାଇଥିଲା। ସେହି ଅନୁଯାୟୀ, ଇଡ୍‌କୋ 536.46 ଏକର ଜମିକୁ ଆବଣ୍ଟନ କରିଥିଲା। ଏସ୍‌ଇଏଲ୍ (ଅପ୍ରେଲ 2012) ତାହାର 2,400 ମେଗାୱାଟ୍ ଟିପିପିକୁ ଆବଣ୍ଟିତ ଜମିରେ କମିଶନ୍ ଓ ସିଂକ୍ରୋନାଇଜ କରିଥିଲା। ଏହା ସତ୍ତ୍ୱେ, ଇଡ୍‌କୋ ଉପରୋକ୍ତ ସିଇଏ/ରାଜ୍ୟ ସରକାରଙ୍କ ସୁପାରିଶ ଅନୁଯାୟୀ ହ୍ରାସ ପାଇଁ କୌଣସି ସମୀକ୍ଷା ନକରି କିମ୍ବା ପ୍ରକୃତ ଆବଶ୍ୟକତାକୁ ସମୀକ୍ଷା ନକରି ଏହି ଟିପିପି ପାଇଁ ଅଧିକ 1,097.65 ଏକର ଜମି ଅଧିଗ୍ରହଣ କରିବା ପ୍ରକ୍ରିୟାରେ ଥିଲା।

- ଅନ୍ୟ ଏକ ବିଷୟରେ, ବେଦାନ୍ତ ଲିମିଟେଡ୍ (ଭିଏଲ୍)ର ଝାରସୁଗୁଡା ସ୍ଥିତ 0.25 ଏମ୍‌ଟିପିଏ ଆଲୁମିନୀୟମ ସ୍ମେଲ୍ଟର ପ୍ରକଳ୍ପ 1,215 ମେଗାୱାଟ୍ (9x135 ମେଗାୱାଟ୍) ସମ୍ପୂର୍ଣ୍ଣ ଟିପିପି ପାଇଁ ରାଜ୍ୟ ସରକାରଙ୍କ ଠାରେ 3,190 ଏକର ଜମି ପାଇଁ ଆବେଦନ କରିଥିଲା। ଇପିକଲ୍ ଏହି ପ୍ରକଳ୍ପ ପାଇଁ 3,350 ଏକର ଜମିର ସୁପାରିଶ (ଡିସେମ୍ବର 2005) କରିଥିଲା। ଏହା ବିଷୟରେ, ଇଡ୍‌କୋ ମାର୍ଚ୍ଚ 2019 ସୁଦ୍ଧା ଭିଏଲ୍‌କୁ 2,166.06 ଏକର ଜମି ଆବଣ୍ଟନ କରିଥିଲା। ସ୍ମେଲ୍‌ଟର ପ୍ରକଳ୍ପ କାର୍ଯ୍ୟକାରୀ ହେଲା ଓ ଏହାର ଟିପିପି ଗୁଡିକ ମଧ କମିଶନ୍ (ଜୁଲାଇ 2008) ହୋଇଥିଲା। ସମୀକ୍ଷାରୁ ଏହା ଜଣାଗଲା ଯେ, 2,166.06 ଏକର ମଧ୍ୟରୁ ଭିଏଲ୍ 544.82 ଏକର ଜମିକୁ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (ଏସ୍‌ସିଜେଡ୍)ରେ ଅନ୍ୟାନ୍ୟ ସାମଗ୍ରୀର ଉତ୍ପାଦନ ପାଇଁ ବିନିଯୋଗ (ଅପ୍ରେଲ 2009) କରିଥିଲା। ଅତ୍ୟଧିକ ଜମି ଆବଣ୍ଟନ କରାଯାଇଥିବା ସତ୍ତ୍ୱେ, ଯାହା ବର୍ତ୍ତମାନ ଏସ୍‌ଇଜେଡ୍‌ର ସ୍ଥାପନ ପାଇଁ ବ୍ୟବହାର କରାଯାଉଅଛି, ଇଡ୍‌କୋ ପୁନଃ 1,023.94 ଏକର (3,190 ଏକର – 2,166.06 ଏକର) ଜମି ଅଧିଗ୍ରହଣ (ମାର୍ଚ୍ଚ 2020) ପ୍ରକ୍ରିୟାରେ ଥିଲା।

ଏହିପରି, ସିଇଏର ସୁପାରିଶ ଗୁଡିକୁ ପାଳନ ନକରି, ଯାହାକି ସାଧାରଣ ନିର୍ଦ୍ଦେଶାବଳୀ ମାଧମରେ ଆବଶ୍ୟକତାକୁ ହ୍ରାସ କରିବା ଏବଂ ଅଧିକ ଆବଶ୍ୟକତା ପାଇଁ ଇପିକଲ୍‌ର ପରାମର୍ଶ ନେବାକୁ ଦର୍ଶାଇଥିଲା। ଇଡ୍‌କୋ ଅଧିକ ଜମି ଅଧିଗ୍ରହଣ କରୁଥିଲା ଯଦିଓ ସେହି ଅଧିଗ୍ରହଣର ପ୍ରାଥମିକ ଉଦ୍ଦେଶ୍ୟ ଗୁଡିକ ସ୍ୱଳ୍ପ ଜମିରେ ସାଧିତ ହୋଇଥିଲା।

ଇଡ୍‌କୋ ଦର୍ଶାଇଲା (ଅଗଷ୍ଟ 2020) ଯେ, ସେମାନଙ୍କ ପାଖରେ ଜମିର ଆବଶ୍ୟକତା ମୂଲ୍ୟାଙ୍କନ କରିବାର ଦରକାରୀ ବୈଷୟିକ ପାରଦର୍ଶୀତା ନଥିଲା। ତେଣୁ, ସେମାନେ ଇପିକଲ୍‌ର ସୁପାରିଶକୁ ଅନୁକରଣ କରିଥିଲେ। ଏହାଛଡା, ପ୍ରକଳ୍ପ ବିସ୍ତାରକୁ ମଧ ବିଚାରକୁ ନିଆଯାଇଥିଲା।

ଏହି ଉତ୍ତରଟି ଗ୍ରହଣୀୟ ନଥିଲା, ଯେହେତୁ ଦୁଇଟିଯାକ ପ୍ରକଳ୍ପ ଆବଣ୍ଟିତ ଜମି ଉପରେ କାର୍ଯ୍ୟକ୍ଷମ ହୋଇସାରିଥିଲା। ତେଣୁ, ଏହି ପ୍ରକଳ୍ପଗୁଡିକ ପାଇଁ ଅଧିକ ଜମି ଅଧିଗ୍ରହଣ ବେଳେ ଇପିକଲ୍‌ର ବୈଷୟିକ ମୂଲ୍ୟାଙ୍କରନ ଅନୁମୋଦନ ଆବଶ୍ୟକ ଥିଲା। ଏହାଛଡା, ଆବଶ୍ୟକତା ଠାରୁ ଅଧିକା ଜମି ଆବଣ୍ଟନକୁ ରୋକିବା ପାଇଁ ରାଜ୍ୟ ସରକାର ମଧ ଇଡ୍‌କୋକୁ ବାସ୍ତବବାଦୀ ମୂଲ୍ୟାଙ୍କନ ପାଇଁ ଦାୟିତ୍ୱ ହୋଇଥିଲା।

***ସୁପାରିଶ 1:*** ସର୍ବଶେଷ ନିୟାମବଳୀ ଅନୁଯାୟୀ, ଜମିର ଆବଶ୍ୟକତା ଭିତ୍ତିରେ ବୈଷୟିକ ତଥ୍ୟ ପାଇଁ ଇଡ୍‌କୋକୁ ଇପିକଲ୍ ସହିତ ନିୟମିତ ପରାମର୍ଶ କରିବା ଦରକାର। ଜମି ଭଳି ଦୁର୍ଲଭ ସମ୍ବଳର ବିଜ୍ଞତା ଭିତ୍ତିରେ ବିଭିନ୍ନ ଶିଳ୍ପାନୁଷ୍ଠାନ ମାନଙ୍କୁ ଆବଣ୍ଟନ କରିବାର ସରକାରଙ୍କର ନିୟାମବଳୀ ଗୁଡିକୁ ସୁନିଶ୍ଚିତ କରିବା ଦରକାର। ଅଧିକା ଜମି ଆବଣ୍ଟନ ନକରିବା ପାଇଁ ଓ ସରକାରୀ ରାଜସ୍ୱର କ୍ଷତିକୁ ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବା ଦରକାର।

### *ତାପଜ ବିଦ୍ୟୁତ କେନ୍ଦ୍ରକୁ ରିହାତି ଆଇପିଆର୍ ଦରରେ ଭୂମି ଆବଣ୍ଟନ*

**5.7.3** ଆଇପିଆର୍ 2007 ର ବାଖ୍ୟା ଅନୁଯାୟୀ, ନୂତନ ଶିଳ୍ପ ପ୍ରତିଷ୍ଠାନ ହେଉଛି ଗୋଟିଏ ଶିଳ୍ପ ପ୍ରତିଷ୍ଠାନ ଯିଏକି ବୃହତ ଶିଳ୍ପ ପାଇଁ ସ୍ଥାୟୀ ପୁଞ୍ଜି ବିନିଯୋଗ କରିବାର ତିନି ବର୍ଷ ମଧରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିବ। ସେହିଭଳି ପ୍ରତିଷ୍ଠାନ ଗୁଡିକ ରିହାତି ଦରରେ ଭୂମି ପାଇବା ପାଇଁ ଯୋଗ୍ୟ ଅଟନ୍ତି। ଆଇପିଆର୍ 2015

ଦର୍ଶାଉଅଛି ଯେ, ଶିଳ୍ପ ପ୍ରତିଷ୍ଠାନ ଯେଉଁଗୁଡିକ ପୂର୍ବ ଆଇପିଆର୍ ଅଧିନରେ ଆସୁଥିବେ, ସେଗୁଡିକ ରିହାତି ଭୋଗ କରିପାରିବେ ଯଦି ସେହି ଅଧିନିୟମର ଯୋଗ୍ୟତା ଭିତ୍ତିରେ ଗ୍ରହଣଯୋଗ୍ୟ ହୋଇଥିବେ। କିନ୍ତୁ, ଏହା ଅନ୍ତର୍ଭୁକ୍ତ ନକରାତ୍ମକ ତାଲିକାରେ ଆସୁଥିବା ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକ ରିହାତି ଦରରେ ଭୂମି ଆବଣ୍ଟନର ସୁବିଧା ପାଇବା ପାଇଁ ଅଯୋଗ୍ୟ ଅଟନ୍ତି।

ଇଡ୍‌କୋ ଆଇପିଆର 2015 ର ବିଜ୍ଞପ୍ତି ପରେ ଦୁଇଟି ତାପଜ ବିଦ୍ୟୁତ୍ କେନ୍ଦ୍ର[52]କୁ 117 ଏକର ସରକାରୀ ଜମି ଆବଣ୍ଟନ (ନଭେମ୍ବର 2015 ରୁ ଫେବୃୟାରୀ 2017 ମଧ୍ୟରେ) କରିଛି। ଲାନ୍‌କୋ ଏବଂ ଜିଏମ୍‌ଆର୍ ଠାରୁ ଇଡ୍‌କୋ ନିର୍ଦ୍ଧାରିତ ବଜାର ଦର 10 ଲକ୍ଷ ଟଙ୍କାରୁ 12 ଲକ୍ଷ ଟଙ୍କା ବିପକ୍ଷରେ ମାତ୍ର 2 ଲକ୍ଷ ଟଙ୍କାରୁ 4 ଲକ୍ଷ ଟଙ୍କାର ଭୂମି ଅଧିମୂଲ୍ୟ ରିହାତି ଦରରେ ସଂଗ୍ରହ କରୁଛି, ଏହା ଦର୍ଶାଉଅଛି ଯେ ସେମାନେ ଆଇପିଆର 2007 ଅଧିନରେ ଯୋଗ୍ୟ ଅଟନ୍ତି। କିନ୍ତୁ ସମୀକ୍ଷାରୁ ଦେଖାଗଲା ଯେ ଦୁଇଟିଯାକ ତାପଜ ବିଦ୍ୟୁତ କେନ୍ଦ୍ର ନିର୍ଦ୍ଧାରିତ ସମୟ[53] ମଧ୍ୟରେ ବାଣିଜ୍ୟିକ ଉତ୍ପାଦନ କରିବାରେ ବିଫଳ ହୋଇଛନ୍ତି, ଯାହାକି ଆଇପିଆର୍ 2007 ର ଗୋଟିଏ ଯୋଗ୍ୟତା ସର୍ତ୍ତ ଥିଲା। ତେଣୁ ଦୁଇଟିଯାକ ତାପଜ ବିଦ୍ୟୁତ୍ କେନ୍ଦ୍ର ପୂର୍ବ ଆଇପିଆର ଅଧିନରେ ରିହାତି ଦରରେ ଭୂମି ଆବଣ୍ଟନ ପାଇଁ ଯୋଗ୍ୟ ନୁହନ୍ତି ଏବଂ ସେମାନେ ବଜାର ଦରରେ ଭୂମି ଅଧିମୂଲ୍ୟ ଦେୟ ପୈଠ କରିବା ଆବଶ୍ୟକ ତେଣୁ ଇଡ୍‌କୋ ସେମାନଙ୍କ ଠାରୁ ଆଇପିଆର୍ 2015 ଅନୁଯାୟୀ 9.13 କୋଟି[54] ଟଙ୍କାର ଭେଦାତ୍ମକ ଭୂମି ଦେୟ ଆଦାୟ କରିବା ଆବଶ୍ୟକ।

ସେହି ଭେଦାତ୍ମକ ଦେୟ ଆଦାୟ ନକରିବାରୁ ପ୍ରଶାସନିକ ଦେୟ 0.91 କୋଟି ଟଙ୍କା (ଭେଦାତ୍ମକ ଭୂମି ମୂଲ୍ୟର 10 ପ୍ରତିଶତ) ପରିମାଣର ମଧ୍ୟକମ୍ ଅସୁଲି ହୋଇଅଛି।

ଇଡ୍‌କୋ ଦର୍ଶାଇଲା (ଅଗଷ୍ଟ 2020) ଯେ, ସେହି ସମସ୍ତ ପ୍ରକଳ୍ପ ସେମାନଙ୍କର ପ୍ଲାଣ୍ଟ ନିର୍ମାଣ ଆରମ୍ଭ କରିସାରିଥିଲେ ଯେଉଁଥିପାଇଁ ସେମାନେ ଆଇପିଆର 2007 ଅଧିନରେ ରିହାତି ଦରରେ ଭୂମି ପାଇଁ ଯୋଗ୍ୟ ହେଲେ। ଓଡିଶା ସରକାର ପ୍ରସ୍ଥାନ ସମ୍ମିଳନୀରେ ଦର୍ଶାଇଲେ ଯେ ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକ ଆର୍ଥିକ ଭତ୍ତା ପାଇବା ପାଇଁ ଯୋଗ୍ୟ ନୁହଁନ୍ତି କିନ୍ତୁ ଆଇପିଆର 2015 ଅଧିନରେ ରିହାତି ଦରରେ ଭୂମି ପାଇବା ପାଇଁ ଯୋଗ୍ୟ ଅଟନ୍ତି। ଏହି ଯୁକ୍ତି ଗ୍ରହଣଯୋଗ୍ୟ ନୁହେଁ କାରଣ ଏହି ପ୍ରତିଷ୍ଠାନ ଗୁଡିକ ଭତ୍ତା କିମ୍ବା ରିହାତି ଦରରେ ଆପିଆର 2007 ଅଧିନରେ ଭୂମି ପାଇବା ପାଇଁ ଯୋଗ୍ୟ ନୁହଁନ୍ତି, ଯେହେତୁ ସେମାନେ ନିର୍ଦ୍ଧାରିତ ସମୟ ତିନି ବର୍ଷ ମଧ୍ୟରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିନଥିଲେ।

### *ଏସ୍‌ଇଜେଡ୍ ଏବଂ ଡିଟିଏ ପ୍ରକଳ୍ପ ପାଇଁ ଟାଟାକୁ ଜମି ଆବଣ୍ଟନରେ ଅଧିମୂଲ୍ୟ ଏବଂ ପ୍ରଶାସନିକ ଦେୟର ସ୍ୱଳ୍ପ ସଂଗ୍ରହ*

**5.7.4** ଗଞ୍ଜାମ ଜିଲ୍ଲାର ଗୋପାଳପୁର ଠାରେ ଏକ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପାଇଁ 28 ଅଗଷ୍ଟ 1995 ରେ ଟାଟା ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ଲିମିଟେଡ୍ (ଟିସ୍କୋ) ସହିତ ଓଡ଼ିଶା ସରକାର ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ସେହି ପ୍ରକଳ୍ପ ପାଇଁ ଜମିର ଆବଶ୍ୟକତା ପୂରଣ କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳ ଅପ୍ରେଲ ଏବଂ ଡିସେମ୍ବର 1996 ମଧ୍ୟରେ ଇଡ୍‌କୋ ସପକ୍ଷରେ 537.82 ଏକର ସରକାରୀ ଜମି ମଞ୍ଜୁର କରିଥିଲେ ଏହି ସର୍ତ୍ତରେ ଯେ ଯଦି ଧାର୍ଯ୍ୟ ଉଦ୍ଦେଶ୍ୟରେ ଏହି ଜମି ବ୍ୟବହାର ନହୁଏ ତେବେ ତାହା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (ଆରଆଣ୍ଡଡିଏମ୍) ବିଭାଗକୁ ଫେରସ୍ତ ହେବ। ଏହି ମଞ୍ଜୁରୀ ନିର୍ଦ୍ଦେଶ ଗୁଡିକ ଛଅ ମାସ ମଧ୍ୟରେ ଲିଜ୍ ଚୁକ୍ତି କରିବା ପାଇଁ ବୈଧ ଥିଲା। ପରବର୍ତ୍ତୀ ସମୟରେ, ସେପ୍ଟେମ୍ବର 1996 ରୁ ଜାନୁଆରୀ 1997 ମଧ୍ୟରେ ଇଡ୍‌କୋ ଉକ୍ତ ସରକାରୀ ଜମିର ଅଗ୍ରୀମ ଅଧିକାର ଟିସ୍‌କୋକୁ ହସ୍ତାନ୍ତର କରିଥିଲା। ଯଦିଓ ଲିଜ୍ ଡିଡ୍ କାର୍ଯ୍ୟକାରୀ ହୋଇନଥିଲା,

---

52 ଲାନ୍‌କୋ (58.78 ଏକର) ଏବଂ ଜିଏମ୍‌ଆର (58.22 ଏକର)।

53 ଲାନ୍‌କୋ ମାର୍ଚ୍ଚ 2012 ରେ ପୁଞ୍ଜି ବିନିଯୋଗ ଆରମ୍ଭ କରିଥିଲା ଏବଂ ବାଣିଜ୍ୟିକ ଉତ୍ପାଦନ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଜିଏମ୍‌ଆର ଜାନୁଆରୀ 2009 ରେ ପୁଞ୍ଜି ବିନିଯୋଗ ଆରମ୍ଭ କରିଥିଲା ଏବଂ ବାଣିଜ୍ୟିକ ଉତ୍ପାଦନ ଅପ୍ରେଲ 2013 ରେ ଆରମ୍ଭ ହୋଇଥିଲା।

54 ଲାନ୍‌କୋ:{11.58 ଏକର x (10 ଲକ୍ଷ ଟଙ୍କା - 4 ଲକ୍ଷ ଟଙ୍କା) + 47.20 ଏକର x (10 ଲକ୍ଷ ଟଙ୍କା - 2 ଲକ୍ଷ ଟଙ୍କା)}, ଜିଏମ୍‌ଆର:58.22 ଏକର (12 ଲକ୍ଷ ଟଙ୍କା - 4 ଲକ୍ଷ ଟଙ୍କା)।

ଟିସ୍କୋ ଇଡ୍‌କୋକୁ ଏକର ପିଛା ଆଇପିଆର୍ 1996 ରେ ନିର୍ଦ୍ଧାରିତ 75,000 ଟଙ୍କା ଦରରେ ଦେୟ ପ୍ରଦାନ କରିଥିଲା।

ଟିସ୍କୋ, ତଥାପି ନିର୍ଦ୍ଧାରିତ ଉଦ୍ଦେଶ୍ୟରେ ଏହି ଜମିକୁ ବ୍ୟବହାର କରିନଥିଲା ଏବଂ ଏସ୍‌ଇଜେଡ୍ ପ୍ରକଳ୍ପ ପାଇଁ ଏହି ଜମିକୁ ବ୍ୟବହାର କରିବାକୁ ପ୍ରସ୍ତାବ ଦେଇଥିଲା (ଅଗଷ୍ଟ 2002)। ସେହି ଅନୁଯାୟୀ ଓଡ଼ିଶା ସରକାର 2003 ରେ ଟିସ୍କୋ ସହିତ ହୋଇଥିବା ଏମ୍ଓୟୁକୁ ବାତିଲ କରିଦେଲେ। ଇଡ୍‌କୋ କିନ୍ତୁ ମଞ୍ଜୁରୀ ଆଦେଶର ନବୀକରଣ କିମ୍ବା ମଞ୍ଜୁରୀ ଆଦେଶର ସର୍ତ୍ତ ଅନୁଯାୟୀ ଉକ୍ତ ଜମିକୁ ଫେରାଇ ଆଣି ରାଜସ୍ୱ କର୍ତ୍ତୃପକ୍ଷଙ୍କ ଠାରେ ପୁନଃସ୍ଥାପିତ କରିବା ପାଇଁ କୌଣସି ପଦକ୍ଷେପ ନେଇ ନଥିଲା। ପରବର୍ତ୍ତୀ ସମୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିଷ୍ପତ୍ତି କଲା ଯେ, ଗୋପାଳପୁରରେ ଥିବା ଇସ୍ପାତ କାରଖାନା ପାଇଁ ଆବଶ୍ୟକ ଜମି ବହୁ ଉତ୍ପାଦନ ଏସ୍‌ଇଜେଡ୍ (ଅକ୍ଟୋବର 2007) ଏବଂ ଘରୋଇ ଶୁଳ୍କ କ୍ଷେତ୍ର (ଡିଟିଏ) ପ୍ରକଳ୍ପ (ଜୁନ୍ 2018) ପାଇଁ ବ୍ୟବହାର କରାଯିବ।

ତଦନୁଯାୟୀ, ଡିସେମ୍ବର 2014 ରୁ ନଭେମ୍ବର 2018 ମଧ୍ୟରେ ଇଡ୍‌କୋ ଉପରୋକ୍ତ 537.82 ଏକର ସରକାରୀ ଜମି ପୁନଃ ଆବଣ୍ଟନ କରିଛି। ଇଡ୍‌କୋ ଡିସେମ୍ବର 2014 ରେ ଆଇପିଆର୍ 2007 ରେ ବିଦ୍ୟମାନ ଥିବା ଦର ଏକର ପିଛା 2 ଲକ୍ଷ ଟଙ୍କା ପରିବର୍ତ୍ତେ 1996 ର ଏକର ପିଛା 75,000 ଟଙ୍କା ହାରରେ ଏସ୍‌ଇଜେଡ୍ ପ୍ରକଳ୍ପ ପାଇଁ 162.47 ଏକର ଏବଂ ଅକ୍ଟୋବର/ ନଭେମ୍ବର 2018 ରେ ଡିଟିଏ ପ୍ରକଳ୍ପ ପାଇଁ ତଥା ବର୍ତ୍ତମାନ ଆଇପିଆର୍ 2015 ର ଦର ଏକର ପିଛା 4 ଲକ୍ଷ ଟଙ୍କା ପରିବର୍ତ୍ତେ ଏକର ପିଛା 75,000 ଟଙ୍କା ହିସାବରେ 375.35 ଏକର ସରକାରୀ ଜମି ଆବଣ୍ଟନ କରିଥିଲା। ଫଳସ୍ୱରୂପ, 537.82 ଏକର ସରକାରୀ ଜମି ଟିସ୍କୋକୁ ଆବଣ୍ଟନ ଉପରେ ଅଭିମୂଲ୍ୟ ବାବଦକୁ 14.23 କୋଟି ଏବଂ ପ୍ରଶାସନିକ ଦେୟ ବାବଦକୁ 1.42 କୋଟି ଟଙ୍କା କମ୍ ଆଦାୟ ହୋଇଥିଲା।

ଇଡ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରସ୍ଥାନ ସମ୍ମିଳନୀରେ ଦର୍ଶାଇଛନ୍ତି (ଅଗଷ୍ଟ 2020) ଯେ, ସଂଲଗ୍ନତା ଦୃଷ୍ଟିରୁ ବ୍ୟକ୍ତିଗତ ଜମିକୁ ସରକାରୀ ଜମି ଠାରୁ ପୃଥକ କରିବା କଷ୍ଟସାଧ୍ୟ ଥିଲା ।

ଏହି ଯୁକ୍ତି ଅଗ୍ରାହ୍ୟ କାରଣ ଏଠାରେ 537.82 ଏକର ସରକାରୀ ଜମି ସ୍ପଷ୍ଟ ମଞ୍ଜୁରୀ ଥିଲା ଯେଉଁଟା କି ମଞ୍ଜୁରୀ ନିର୍ଦ୍ଦେଶର ସର୍ତ୍ତାବଳୀ ଅନୁସାରେ ଇଡ୍‌କୋ ଫେରାଇ ନେବା ଏବଂ ରାଜସ୍ୱ ସୁରକ୍ଷିତ ରଖିବା ପାଇଁ 2003 ରେ ଏମ୍ଓୟୁ ବାତିଲ କରିବା ପରେ ଏସ୍‌ଇଜେଡ୍ ଏବଂ ଡିଟିଏ ପ୍ରକଳ୍ପ ପାଇଁ ପ୍ରଚଳିତ ହାରରେ ଜମି ପୁନଃଆବଣ୍ଟନ କରିବା ଉଚିତ୍ ଥିଲା।

### *ଭୂ-କର ଓ ଶୁଳ୍କ ଦେୟର ପର୍ଯ୍ୟାଲୋଚନା ନକରିବା*

**5.7.5 (i)** ଇଡ୍‌କୋ ସରକାରୀ ଜମିର ବିଚ୍ଛିନ୍ନତା ଓ ଘରୋଇ ଜମିରୁ ଅଧିଗ୍ରହଣ ପାଇଁ ଓଡ଼ିଶା ସରକାରଙ୍କ ସହିତ 99 ବର୍ଷିୟା ଲିଜ୍ ଚୁକ୍ତି ଭିତ୍ତିରେ କାର୍ଯ୍ୟକାରୀ କରୁଥିଲା। ଚୁକ୍ତିର ସର୍ତ୍ତ ଅନୁଯାୟୀ, ଇଡ୍‌କୋ ଏକ ପ୍ରତିଶତ ହାରରେ ଭୂ-କର ଏବଂ 0.75 ପ୍ରତିଶତ ହାରରେ ଶୁଳ୍କ ଅଗ୍ରୀମ ଆକାରରେ ପ୍ରତିବର୍ଷ ଜାନୁଆରୀ ଦ୍ୱିତୀୟ ଦିବସରେ ଓଡ଼ିଶା ସରକାରଙ୍କୁ ପୈଠ କରିବ। ଇଡ୍‌କୋ ପ୍ରତିବଦଳରେ ଶିଳ୍ପଗୁଡିକ ସହିତ କାର୍ଯ୍ୟକାରୀ ହେଉଥିବା ଲିଜ୍ ଚୁକ୍ତିରେ ଭୂ-କର ଏବଂ ଶୁଳ୍କ ଆଦାୟ କରିବା ପାଇଁ ସମାନ ସର୍ତ୍ତାବଳୀ ପ୍ରସ୍ତୁତ କଲା। ସମୀକ୍ଷାରୁ ଦେଖାଗଲା ଯେ:

- ମାର୍ଚ୍ଚ 2019 ସୁଦ୍ଧା 139 ଟି ଆବଣ୍ଟିତ ଶିଳ୍ପ ମାନଙ୍କର ଦେୟ ପୈଠ କରିବା ଖିଲାପ ପାଇଁ ଆବଣ୍ଟନ ହୋଇଥିବା 58,773.91 ଏକର ଜମି ବିପକ୍ଷରେ 18.52 କୋଟି ଟଙ୍କା ବକେୟା ରହିଥିଲା। ତତ୍‌ଜନିତ ଭୂ-କର ଓ ଶୁଳ୍କ ଇଡ୍‌କୋ ଦ୍ୱାରା ମଧ୍ୟ ଓଡ଼ିଶା ସରକାରଙ୍କୁ ଜମା ହୋଇନଥିଲା। ଏହିପରି ତ୍ରୁଟିର କାରଣ ହେଉଛି ଇଡ୍‌କୋର ଖିଲାପକାରୀ ଶିଳ୍ପମାନଙ୍କର ଚିହ୍ନଟ/ ସଂକ୍ଷିପ୍ତ ତାଲିକା କରିବାରେ ପର୍ଯ୍ୟାଲୋଚନାର ଅଭାବ କାରଣ ଏହା ଶିଳ୍ପ ସଂସ୍ଥାମାନଙ୍କର ବାର୍ଷିକ ଭୂ-କର ଓ ଶୁଳ୍କ ବାବଦ ଦେୟର ତଥ୍ୟ ଆଧାର ପ୍ରସ୍ତୁତ କରିନଥିଲା।
- ପୁନଶ୍ଚ, ବେସରକାରୀ ଜମି କ୍ଷେତ୍ରରେ ଆରଓଆର ସଂଶୋଧନ ପରେ ହିଁ ଓଡ଼ିଶା ସରକାରଙ୍କ ଦ୍ୱାରା ଭୂ-କର ଓ ଶୁଳ୍କ ନିର୍ଦ୍ଧାରଣ କରାଯାଇଥାଏ। ଇଡ୍‌କୋ 44,932.29 ଏକରର ବେସରକାରୀ ଜମିର ଆରଓଆର

ସଂଶୋଧନ ପାଇଁ ଅନୁସରଣ କରି ନଥିଲା। ଫଳସ୍ୱରୂପ, ଅପ୍ରେଲ 2019 ଠାରୁ ରାଜ୍ୟ କୋଷାଗାରକୁ ବାର୍ଷିକ 33.16 କୋଟି ଟଙ୍କା କ୍ଷତି ସହିବାକୁ ପଡିଲା (ଆଇପିଆର 2015 ଅଧିସୂଚନା ଅନୁଯାୟୀ ଜମିର ନ୍ୟୁନତମ ମୂଲ୍ୟ ଉପରେ ଏକ ପ୍ରତିଶତ ଭୂ-କର ଓ 0.75 ପ୍ରତିଶତ ଶୁଳ୍କ ଗଣନା କରାଯାଇଛି)।

ଇଡ୍କୋ ଦର୍ଶାଇଛି (ଅଗଷ୍ଟ 2020) ଯେ, ଭୂ-କର ଏବଂ ଶୁଳ୍କ ସଂଗ୍ରହ ପାଇଁ ପଦକ୍ଷେପ ନିଆଯାଉଛି ଏବଂ ଏହି ପ୍ରକ୍ରିୟା ବର୍ତ୍ତମାନ ଏକ ପୃଥକ ମଡ୍ୟୁଲ୍ ମାଧମରେ ଇଆରପି ଅନ୍ତର୍ଭୁକ୍ତ କରାଯାଉଛି। ତଥାପି ଇଡ୍କୋ ରାଜ୍ୟ କୋଷାଗାରରୁ କ୍ଷତିର କାରଣ ହେଲା। ପ୍ରାଥମିକତା ଭିତ୍ତିରେ ଆରଓଆର ସଂଶୋଧନ କରି ଏହିପରି କ୍ଷତି ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ।

**5.7.5 (ii)** ଆଇପିଆର 2015 ରେ ରିହାତି ଦରରେ ସରକାରୀ ଜମିର ବିଚ୍ଛିନ୍ନିକରଣ ଓ ଇଡ୍କୋକୁ ସ୍ଥାନାନ୍ତର ଏବଂ ଜମି ମୂଲ୍ୟ ଉପରେ ଭୂ-କର ଓ ଶୁଳ୍କ ଧାର୍ଯ୍ୟ କରିବା ଉଲ୍ଲେଖ କରାଯାଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତଥାପି ଆଇପିଆର ମୂଲ୍ୟ ପରିବର୍ତ୍ତେ ବଜାର ଦର ଉପରେ ଭୂ-କର ଓ ଶୁଳ୍କ ଆଦାୟ କରିବା ଚାଲୁ ରଖିଥିଲା। ପୁନଶ୍ଚ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦର୍ଶାଇଥିଲେ (ସେପ୍ଟେମ୍ବର 2017) ଯେ, ଯେଉଁଠାରେ ଇଡ୍କୋ ଜମିର ବଜାର ମୂଲ୍ୟ ଉପରେ ବାର୍ଷିକ ଭୂ-କର ଓ ଶୁଳ୍କ ପ୍ରଦାନ କରିଥିଲା, ଅଧିକ ସଂଗୃହୀତ ଅର୍ଥ ଆଗାମୀ ବର୍ଷ ପାଇଁ ବାର୍ଷିକ ଭୂ-କର ଓ ଶୁଳ୍କର ଅଗ୍ରୀମ ଦେୟ ଭାବରେ ଗ୍ରହଣ କରାଯିବ। ସମୀକ୍ଷାରୁ ଦେଖାଗଲା ଯେ:

- ଆଇପିଆର 2015 ର ବିଜ୍ଞପ୍ତି ପରେ 1,068.29 ଏକର ସରକାରୀ ଜମି ବଣ୍ଟନ ହୋଇଥିବା ଛଅ ଆବଣ୍ଟନଗ୍ରାହୀ, ବଜାର ମୂଲ୍ୟ ଉପରେ ଅଧିକ ଅର୍ଥ ଭୂ-କର ଓ ଶୁଳ୍କ ବାବଦରେ ପଇଠ କରିଥିଲେ। ଏହି ପ୍ରକ୍ରିୟାର ସମୀକ୍ଷାରେ ଦେଖାଗଲା ଯେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଆଇପିଆରର ରିହାତି ଦରରେ ଭୂ-କର 0.14 କୋଟି ଟଙ୍କା ଏବଂ ଶୁଳ୍କ 0.11 କୋଟି ଟଙ୍କା (ମୋଟ୍ 0.25 କୋଟି ଟଙ୍କା) ପରିବର୍ତ୍ତେ ବଜାର ଦରରେ ଭୂ-କର 0.87 କୋଟି ଟଙ୍କା ଏବଂ ଶୁଳ୍କ 0.66 କୋଟି ଟଙ୍କା (ମୋଟ୍ 1.53 କୋଟି ଟଙ୍କା) ଦେୟ ଆଦାୟ କରିଥିଲା। ଫଳସ୍ୱରୂପ, ଆବଣ୍ଟନଗ୍ରାହୀ ଭୂ-କର ଓ ଶୁଳ୍କ ବାବଦକୁ 1.28 କୋଟି ଟଙ୍କା ଅଧିକ ପଇଠ କରିଥିଲେ। ଇଡ୍କୋ ମଧ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଲିଜ୍ ଚୁକ୍ତିରେ ପରିବର୍ତ୍ତନ/ ସଂଶୋଧନ କରିବା ପାଇଁ ଆବେଦନ (ଜାନୁଆରୀ 2020) କରିନଥିଲା। ଏହି ପରିପ୍ରେକ୍ଷିରେ ଉଭୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଇଡ୍କୋର ନିଷ୍କ୍ରିୟତା ଉତ୍ସାହୀ ଆବଣ୍ଟନଗ୍ରାହୀ ପାଇଁ ପ୍ରତିକୂଳ ଥିଲା।

  ଇଡ୍କୋ ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କଲା (ଅଗଷ୍ଟ 2020) ଏବଂ ଦର୍ଶାଇଲା ଯେ, ଲିଜ୍ କାର୍ଯ୍ୟର ସଂଶୋଧନ ପାଇଁ ସେମାନେ ଓଡ଼ିଶା ସରକାରଙ୍କୁ ଆବେଦନ କରିଛନ୍ତି, ତଥାପି ବର୍ତ୍ତମାନ ସୁଦ୍ଧା ଏହା କେବଳ 118.55 ଏକର ସରକାରୀ ଜମି ବଣ୍ଟନ ସମ୍ପର୍କରେ ଏହା କରାଯାଇଛି।

***ଭୂମି ଆବଣ୍ଟନରେ ଅଧିକ ପ୍ରଶାସନିକ ଦେୟ ଆଦାୟ***

**5.7.6** ଜମି ଚିହ୍ନଟ ଏବଂ ଜମି ଯୋଜନା ପ୍ରସ୍ତୁତି ଇତ୍ୟାଦି ଦାୟିତ୍ୱକୁ ବିଚାରକୁ ନେଇ ଓଡ଼ିଶା ସରକାର ଇଡ୍କୋକୁ ଜମି ମୂଲ୍ୟର 10 ପ୍ରତିଶତ କେବଳ ପ୍ରଶାସନିକ ଦେୟ ଦେବାକୁ ଅନୁମତି (ଜୁଲାଇ 2002) ଦେଇଛନ୍ତି। ସମୀକ୍ଷା ପରୀକ୍ଷଣରେ 2014-15 ରୁ 2018-19 ମଧ୍ୟରେ 4,975.26 ଏକର ଜମି ଆବଣ୍ଟନ ଯାଞ୍ଚ କରାଯାଇଥିଲା ଏବଂ ଦେଖାଗଲା ଯେ, ଇଡ୍କୋ ଜମିର ମୋଟ୍ ମୂଲ୍ୟ ଉପରେ 10 ପ୍ରତିଶତ ହାରରେ ପ୍ରଶାସନିକ ଦେୟ 5.37 କୋଟି ଟଙ୍କା ଅଧିକ ସଂଗ୍ରହ କରିଛି ଯାହା ଉଦ୍ୟୋଗୀମାନଙ୍କ ପାଇଁ ନିରୁତ୍ସାହ ଜନକ ଥିଲା।

ପ୍ରସ୍ଥାନ ସମ୍ମିଳନୀରେ ସରକାର ଏହି ଉକ୍ତିକୁ ଗ୍ରହଣ କରିଥିଲେ ଏବଂ ସେହି ଅନୁଯାୟୀ ଆବଶ୍ୟକ ପଦକ୍ଷେପ ପାଇଁ ଇଡ୍କୋକୁ ପରାମର୍ଶ ଦେଇଥିଲେ।

***ଚାରୋଟି ସ୍ଥାନରେ ଅଧିଗ୍ରହଣ ହୋଇଥିବା ଜମିର ବ୍ୟବହାରରେ ବିଳମ୍ବ ହେତୁ ପାଣ୍ଠି ଅବରୋଧ***

**5.7.7** କ୍ରମାଗତ ଆଇପିଆର୍ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ଅଗ୍ରୀମ ଆବଣ୍ଟନ ପାଇଁ ଭିତ୍ତିଭୂମି ସକ୍ଷମ କରି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ରର ବିକାଶ ପାଇଁ ଜମି ଅଧିଗ୍ରହଣ କରିବାକୁ ଇଡ୍କୋକୁ ଦାୟିତ୍ୱ ଦେଲା। ବିସ୍ତୃତ ଜମି

ପରିଚାଳନା ନିୟମାବଳୀ ସହିତ ଶିଳ୍ପାଞ୍ଚଳ/ଶିଳ୍ପ କ୍ଷେତ୍ରର ବିକାଶ ପାଇଁ ବିସ୍ତୃତ ଜମି କ୍ଷେତ୍ର ଯୋଜନା କରିବାକୁ ଇଡ୍‌କୋକୁ କୁହାଯାଇଥିଲା।

ମାର୍ଚ୍ଚ 1999 ଏବଂ ମାର୍ଚ୍ଚ 2015 ମଧ୍ୟରେ ଇଡ୍‌କୋ ରାଜ୍ୟର ଚାରୋଟି ସ୍ଥାନରେ[55] ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ପାଇଁ 2.06 କୋଟି ଟଙ୍କାର ଭୂ-କର ଏବଂ ଶୁଳ୍କ ସହିତ 31.32 କୋଟି ଟଙ୍କା ପୈଠ କରି 1,432.57 ଏକର ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଆରମ୍ଭ କରିଥିଲା। 1,432.57 ଏକର ମଧ୍ୟରୁ ମାତ୍ର 324.27 ଏକର ଅଧିଗ୍ରହଣ ହୋଇପାରିଥିଲା ଯାହା 4 ରୁ 21 ବର୍ଷ ଧରି ଅବ୍ୟବହୃତ ହୋଇ ପଡିରହିଛି। ସମୀକ୍ଷାରୁ ଦେଖାଗଲା ଯେ, ଇଡ୍‌କୋ ଉପଯୁକ୍ତ ଜମି ଚିହ୍ନଟ ପାଇଁ ଏହାର ପ୍ରାଥମିକ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହୋଇଥିଲା ଏବଂ 20.69 କୋଟି ଟଙ୍କା ପୈଠ କରିବା ସତ୍ତ୍ୱେ ରେମୁଣାରେ ଜମି ଅଣ-ଅଧିଗ୍ରଣ ହୋଇନାହିଁ ଏବଂ ଧାମନଗର, ବିଶିଆପଡା ଓ ପଞ୍ଚପଡାରେ ଅଧିକୃତ ଜମି ଅବ୍ୟବହୃତ ହୋଇ ପଡିରହିଛି।

ରେମୁଣା କ୍ଷେତ୍ରରେ, ଇଡ୍‌କୋ ଅକ୍ଟୋବର 2016 ରେ ରାଜସ୍ୱ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦାବି ହୋଇଥିବା ବର୍ଦ୍ଧିତ ଅଧିମୂଲ୍ୟ ପ୍ରଦାନ କରିବାକୁ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲା, ଫଳସ୍ୱରୂପ ଜମି ଅଧିଗ୍ରହଣ ହୋଇପାରି ନଥିଲା।

ଧାମନଗରରେ ଅଧିଗ୍ରହଣ ହୋଇଥିବା ଜମିର ଦଖଲ ନିଆଯାଇପାରିବ ନାହିଁ କାରଣ ଜବରଦଖଲ ଏବଂ ଜନସାଧାରଣଙ୍କ ପ୍ରତିରୋଧ ଯୋଗୁ ସୀମା ପ୍ରାଚୀର ନିର୍ମାଣ ହୋଇପାରିଲା ନାହିଁ। ପାଞ୍ଚପଡା କ୍ଷେତ୍ରରେ ଜବରଦଖଲ ଏବଂ ମଧ୍ୟବର୍ତ୍ତୀ ରେଳ ଧାରଣା ଏବଂ ରାଜ୍ୟ ରାଜପଥ ଯୋଗୁ ଜମି ଅନୁପଯୁକ୍ତ ଥିଲା। ସେହିପରି, ବିସିଆପଡା କ୍ଷେତ୍ରରେ ଜମି ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ଜବରଦଖଲ ହୋଇଥିଲା। ଏହି ସମସ୍ତ ତିନୋଟି ମାମଲାରେ ଅନୁପଯୋଗୀତା ଉପଯୁକ୍ତ ଚିହ୍ନଟ ପ୍ରକ୍ରିୟା ମାଧ୍ୟମରେ ଆବିଷ୍କୃତ ହୋଇପାରିଥାନ୍ତା।

ଇଡ୍‌କୋ ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କଲା ଏବଂ ଦର୍ଶାଇଲା (ଅଗଷ୍ଟ 2020) ଯେ, ଧାମନଗରର 217.71 ଏକର ଜମି ମଧ୍ୟରୁ 59.62 ଏକର ଜମି ଭାରତୀୟ ତୈଳ ନିଗମକୁ ଆବଣ୍ଟନ ହୋଇଯାଇଅଛି। ଅନ୍ୟ ମାମଲା ମାନଙ୍କରେ ବିଭିନ୍ନ ପର୍ଯ୍ୟାୟରେ ଓଡ଼ିଶା ରାଜ୍ୟ ସରକାରଙ୍କ ସହିତ ପ୍ରକ୍ରିୟା ଚାଲୁ ରହିଛି। ତେଣୁ ଉପରୋକ୍ତ ମାମଲା ଗୁଡିକ ଇଡ୍‌କୋର ଉପଯୁକ୍ତ ତତ୍ପରତାର ଅଭାବ ଏବଂ ଉପଯୁକ୍ତ ଜମି ଚିହ୍ନଟ କରିବାରେ ପ୍ରାଥମିକ ଦାୟିତ୍ୱ ନିର୍ବାହ କରିବାରେ ବିଫଳତାର ଫଳସ୍ୱରୂପ ଜମି ଅଧିଗ୍ରହଣରେ ବିଳମ୍ବ ହୋଇଥିଲା ତଥା ଅଧିକୃତ ଜମି ଅବ୍ୟବହୃତ ହୋଇ ପଡିରହିଥିଲା।

> ***ସୁପାରିଶ 2:*** *ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ପାଇଁ ସମୟପଯୋଗୀ ଜମି ଚିହ୍ନଟ ଓ ଅଧିଗ୍ରହଣ ପାଇଁ ଉପଯୁକ୍ତ ସର୍ବେକ୍ଷଣ ଏବଂ ନିର୍ବିଘ୍ନ ଦଖଲ ଏବଂ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାସଙ୍ଗିକ ଆଇନକୁ ଅନୁପାଳନ ନିଶ୍ଚିତ କରିବା ପାଇଁ ଇଡ୍‌କୋକୁ ଫଳପ୍ରଦ ସଂକ୍ରିୟା ରଖିବା ଦରକାର*

## 5.8 ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ରର ବିକାଶ ଓ ରକ୍ଷଣାବେକ୍ଷଣ

***ଇଡ୍‌କୋ ଦ୍ୱାରା ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ବିକାଶ***

**5.8.1** ଓଆଇଆଇଡିସି ଅଧିନିୟମ, 1980 ଇଡ୍‌କୋକୁ ରାଜ୍ୟ ସରକାର ଦ୍ୱାରା ଅଧିସୂଚିତ ସ୍ଥାନରେ ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଗଠନ କରିବା ଓ ପରିଚାଳନା କରିବା ପାଇଁ କାର୍ଯ୍ୟନ୍ୟସ୍ତ କରିଥିଲା। ଜମିର ଚିହ୍ନଟ, ଜମିର ଯୋଜନା ଓ ଜମି ଅଧିଗ୍ରହଣ ଠାରୁ ଆରମ୍ଭ କରି ଅଧିସୂଚିତ ସ୍ଥାନରେ ଶିଳ୍ପ ଉଦ୍ୟୋଗୀମାନଙ୍କୁ ଜମି ହସ୍ତାନ୍ତର କରିବା ପର୍ଯ୍ୟନ୍ତ ପ୍ରାଥମିକ ଦାୟିତ୍ୱ ଇଡ୍‌କୋର ଥିଲା।

ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ମାନଙ୍କର ବିକାଶ ଓ ରକ୍ଷଣାବେକ୍ଷଣ ନିମନ୍ତେ ଉପରୋକ୍ତ ଅଧିନିୟମ ଇଡ୍‌କୋକୁ ଆବଣ୍ଟନଗ୍ରାହୀ ମାନଙ୍କ ଠାରୁ ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଗୁଡିକର ଭିତ୍ତିଭୂମିର ସୁବିଧା ଗଠନ ସଂକ୍ରାନ୍ତରେ ଯଥା ରାସ୍ତା, ନାଳ, ପାଣି ଓ ବିଦ୍ୟୁତ୍, ବର୍ଜ୍ୟବସ୍ତୁ ପରିଚାଳନା ପ୍ରଣାଳୀ ତଥା ଚିହ୍ନିତ ସ୍ଥାନରେ ସବୁଜ ପରିବେଶ ବାବଦରେ

---

[55] ବିଶିଆପଡା, ପାଞ୍ଚପଡା, ଧାମନଗର, ରେମୁଣା।

ବିକାଶ ବାବଦ ମୂଲ୍ୟ ଅସୁଲ କରିବା ପାଇଁ ପ୍ରାଧିକାର ଦେଇଥିଲା । ଇଡ୍‌କୋ ମଧ ଜମି ମୂଲ୍ୟ ବାବଦରେ ଜମି ଦର ଉପରେ ଶତକଡା 10 ହାରରେ ପ୍ରଶାସନିକ ଦେୟ ଆଦାୟ କରୁଥିଲା ।

ମାର୍ଚ୍ଚ 2019 ସୁଦ୍ଧା, ଇଡ୍‌କୋର ପରିଚାଳନା ଓ ନିୟନ୍ତ୍ରଣ ଦାୟିତ୍ୱରେ 116 ଟି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର 24,084.27 ଏକର ଜମିରେ ନ୍ୟସ୍ତ ଥିଲା । ଏହି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ମାନଙ୍କରେ ଜମିର ବ୍ୟବହାର ଶତକଡା ହିସାବରେ 0 ରୁ 100 ପର୍ଯ୍ୟନ୍ତ ବିକ୍ଷିପ୍ତ ଥିଲା ଯାହା ନିମ୍ନ ସାରଣୀରେ ଦିଆଗଲା ।

**ସାରଣୀ 5.2: ଶିଳ୍ପାନୁଷ୍ଠାନ/ ଶିଳ୍ପ ମାହଲରେ ଜମିର ବ୍ୟବହାର**

| ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ସଂଖ୍ୟା | ମୋଟ୍ ଜମି (ଏକରରେ) | ଆବଣ୍ଟିତ ଜମି (ଏକରରେ) | ଆବଣ୍ଟିତ ଜମି ଶତକଡା ହିସାବରେ |
|---|---|---|---|
| 14 | 313.48 | Nil | 0 |
| 25 | 2,772.47 | 220.50 | up to 25 |
| 17 | 1,425.47 | 589.28 | 25 to 50 |
| 38 | 16,608.96 | 11,421.04 | 50 to 75 |
| 22 | 2,963.90 | 2,418.27 | above 75 |
| **116** | **24,084.28** | **14,649.09** | **~ 61** |

*(ଉତ୍ସ: ଇଡ୍‌କୋର ତଥ୍ୟ)*

କେବଳ 61 ଶତକଡା ଜମି ଆବଣ୍ଟିତ ହୋଇଥିଲା ଏବଂ 39 ଶତକଡା ବ୍ୟବହାର ହୋଇପାରିନଥିଲା (ଅଗଷ୍ଟ 2020) । 116 ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ମଧ୍ୟରୁ 14 ଟି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଥିବା 313.48 ଏକର ଜମିର କୌଣସି ଆବଣ୍ଟନ ହୋଇ ନଥିଲା ।

ଏହି ପରିପ୍ରେକ୍ଷୀରେ ଜମିର ଅବ୍ୟବହାରର କାରଣ ଗୁଡିକୁ ପାଞ୍ଚଟି ମନୋନୀତ ବିଭାଜନରେ ସମୀକ୍ଷା ଦ୍ୱାରା ବିଶ୍ଳେଷଣ କରି ନିମ୍ନଲିଖିତ ପର୍ଯ୍ୟାଲୋଚନା କରାଗଲା:

- ମାର୍ଚ୍ଚ 2019 ସୁଦ୍ଧା, ବିନା ସରକାରୀ ବିଜ୍ଞପ୍ତିରେ ଓ ବିନା କୌଣସି ଭିତ୍ତିଭୂମିର ପ୍ରାବଧାନରେ ଇଡ୍‌କୋ ଖୋଲା ଦ୍ୱାର ଶିଳ୍ପକ୍ଷେତ୍ରରେ 50.47 ଏକର ଜମି ମଧ୍ୟରୁ 44.92 ଏକର ଜମିକୁ ଆବଣ୍ଟନ କରିଥିଲା ।

  ଇଡ୍‌କୋ ଦର୍ଶାଇଥିଲା (ଅଗଷ୍ଟ 2020) ଯେ, ସେମାନେ ରାଜ୍ୟ ସରକାରଙ୍କୁ 50.47 ଏକର ଜମିକୁ ଖୋଲା ଦ୍ୱାର ଶିଳ୍ପ କ୍ଷେତ୍ର ହିସାବରେ ସରକାରୀ ବିଜ୍ଞପ୍ତି ପାଇଁ ଅନୁରୋଧ (ଡିସେମ୍ବର 2019) କରିଥିଲା ।

- ଇଡ୍‌କୋ ପାଖରେ ଉପରୋକ୍ତ ଚିହ୍ନିତ ଭିତ୍ତିଭୂମି ପାଇଁ ଶତକଡା ହିସାବରେ କୌଣସି ଏକରୂପି ବିକାଶ ଯୋଜନା ନଥିଲା ଯାହାଫଳରେ ଏକରୂପି ସୁବିଧା ଗୁଡିକର ଉପଲବ୍ଧିର ଅଭାବ ପରିଲକ୍ଷିତ ହୋଇଥିଲା । ଏହି ସୁବିଧା ଗୁଡିକ ପାଇଁ ଉପଲବ୍ଧ ଜମି ଚାରୋଟି ଶିଳ୍ପ କ୍ଷେତ୍ର[56] ରେ ଶତକଡା 14.34 (81.25 ଏକରରୁ 11.610 ଏକର ବାମନୀ ଶିଳ୍ପ କ୍ଷେତ୍ରରେ) ରୁ ଶତକଡା 37.37 (12.47 ଏକରରୁ 4.66 ଏକର କପିଳେଶ୍ୱର ଶିଳ୍ପ କ୍ଷେତ୍ର) ମଧ୍ୟରେ ଥିଲା ଯେବେକି ସାତଟି ଶିଳ୍ପ କ୍ଷେତ୍ର[57]ରେ 411.81 ଏକର ଜମିରେ ଏହି ସୁବିଧା ଗୁଡିକର କୌଣସି ପ୍ରାବଧାନ ନଥିଲା ।

  ଏହି ତଥ୍ୟକୁ ସ୍ୱୀକାର କରି ଇଡ୍‌କୋ ଜଣାଇଲା (ଅଗଷ୍ଟ 2020) ଯେ, ଏକରୂପି ବିକାଶ ଯୋଜନାର ଗଠନ ପ୍ରକ୍ରିୟା ଚାଲୁଅଛି ।

- ପାଞ୍ଚଟି ଶିଳ୍ପ କ୍ଷେତ୍ର[58]ରେ 202.54 ଏକର ଜମିରେ କୌଣସି ଆବଣ୍ଟନ କରାଯାଇପାରି ନଥିଲା କାରଣ ଏହି ଜମିଗୁଡିକ ଅନଧିକାର ପ୍ରବେଶ, ଉପରି ବୈଦ୍ୟୁତିକ ତାର, ସଂଲଗ୍ନ ଜମିର ଅଭାବ, ଆରଓଆର ସମସ୍ୟା ଯୋଗୁ ଶିଳ୍ପାନୁଷ୍ଠାନ ପାଇଁ ଅନୁପଯୁକ୍ତ ଥିଲା ।

---

56 କପିଳେଶ୍ୱର, ଅଟୋ ନଗର, ଆମ୍ବପୁଆ ଓ ବାମନି ଶିଳ୍ପକ୍ଷେତ୍ର

57 ବଳରାମପୁର, ଭିତରଗଡ଼, ବିଲେଇପଦା, ରେଙ୍ଗାଲୀ, ସାଇଁକୂଳା, ଖୋଲାଦ୍ୱାର ଏବଂ କାମାକ୍ଷାନଗର

58 ଆମ୍ବପୁଆ - 4.97 ଏକର, କାମାକ୍ଷାନଗର - 5.00 ଏକର, ଭିତରଗଡ଼ - 118.70 ଏକର, ବିଲେଇପଦା - 52.70 ଏକର ଏବଂ ରେଙ୍ଗାଲୀ - 21.17 ଏକର

ଇଡ୍କୋ ଦର୍ଶାଇଲା (ଅଗଷ୍ଟ 2020) ଯେ, ପ୍ରସ୍ତାବର ଅଭାବ ଯୋଗୁ ଆବଣ୍ଟନ କରାଯାଇ ପାରିନଥିଲା। ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ କାରଣ ଇଡ୍କୋ ଜମିର ଚିହ୍ନଟ ଓ ଜମିର ଯୋଜନା କରିବା ପାଇଁ ପ୍ରାଥମିକ ସ୍ତରରେ ଦାୟି ଥିଲା।

- କପିଳେଶ୍ୱର ଶିଳ୍ପ କ୍ଷେତ୍ର ଜମିର ଦର ସ୍ଥିର କରିବା ସମୟରେ[59] ବଣ୍ଟନଯୋଗ୍ୟ ଜମି ବଦଳରେ ମୋଟ୍ ଜମିକୁ ବିଚାର କରିବା ଯୋଗୁ 1.30 କୋଟି ଟଙ୍କାର ବିକାଶ ଖର୍ଚ୍ଚ କମ୍ ଆକଳନ କରାଗଲା। ସେହିଭଳି, ସାଇଁକୁଳା ଶିଳ୍ପ କ୍ଷେତ୍ର ପାଚେରୀ ବାବଦରେ 1.59 କୋଟି ଟଙ୍କାର ଅଧିକ ଖର୍ଚ୍ଚର ଆଦାୟ ପାଇଁ ଇଡ୍କୋ ଜମି ମୂଲ୍ୟକୁ ସଂଶୋଧନ କରିନଥିଲା।

  ଇଡ୍କୋ ଜଣାଇଲା (ଅଗଷ୍ଟ 2020) ଯେ, ଏହି ଖର୍ଚ୍ଚର ଆଦାୟ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଥିଲା।

- ଶିଳ୍ପାନୁଷ୍ଠାନ ମାନଙ୍କ ପାଇଁ ବାହ୍ୟ ଭିତ୍ତିଭୂମିର ବିକାଶ ଯଥା ରାସ୍ତା, ଶକ୍ତି, ପାଣି ଓ ବର୍ଜ୍ୟବସ୍ତୁର ପରିଚାଳନା ଦିଗରେ ସମୟାନୁବର୍ତ୍ତୀତା ଭିତ୍ତିରେ ସାହାଯ୍ୟ କରିବା ପାଇଁ ଆଇପିଆର 2015 ମାଧ୍ୟମରେ ଶିଳ୍ପ ବିଭାଗ 100 କୋଟି ଟଙ୍କାର ଶିଳ୍ପ ଭିତ୍ତିଭୂମି ବିକାଶ ପାଣ୍ଠିର ଏକ ପ୍ରାରମ୍ଭିକ କର୍ପସ୍ ପାଣ୍ଠି ଗଠନ କରାଗଲା। ଇଡ୍କୋ ବର୍ତ୍ତମାନ ସୁଦ୍ଧା 2017-18 ମସିହା ସାତଟି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ବାହ୍ୟ ଭିତ୍ତିଭୂମିର ବିକାଶ ପାଇଁ 86.50 କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ କରିଥିଲେ ଯାହା ବିପକ୍ଷରେ ଉପଲବ୍ଧ 38.24 କୋଟି ଟଙ୍କାରୁ ଇଡ୍କୋ ମାତ୍ର 23.80 କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ପଇଠ କରିଥିଲା ତେଣୁ ଶିଳ୍ପ ବିଭାଗ ବଳକା 48.26 କୋଟି ଟଙ୍କାକୁ ପ୍ରଦାନ କରିନଥିଲା। ତେଣୁ, ଇଡ୍କୋ ପାଣ୍ଠିର ଉପଲବ୍ଧି ଥିବା ସତ୍ତ୍ୱେ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇ ଦେଇପାରି ନଥିଲା।

  ଇଡ୍କୋ ଏହି ସମୀକ୍ଷାକୁ ଗ୍ରହଣ କରିଥିଲେ ଏବଂ ଦର୍ଶାଇଥିଲେ (ଅଗଷ୍ଟ 2020) ଯେ, ସେମାନେ ଉନ୍ନତ ଯୋଜନା ମାଧ୍ୟମରେ ଏହି ପ୍ରକଳ୍ପ ଗୁଡିକୁ ଯଥାଶୀଘ୍ର ଶେଷ କରିବା ପାଇଁ ପ୍ରୟାସ କରିବେ।

***ସୁପାରିଶ 3:*** *ଇଡ୍କୋ ଶିଳ୍ପାନୁଷ୍ଠାନ ପାଇଁ ଉପଯୁକ୍ତ ଜମିର ଚିହ୍ନଟ ଓ ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ସମୟାନୁବର୍ତ୍ତୀ ସରକାରୀ ବିଜ୍ଞପ୍ତି ଦିଗରେ ପଦକ୍ଷେପ ନେବା ଉଚିତ୍। ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ପାଇଁ ଉପଯୁକ୍ତ ବିକାଶ ଯୋଜନା ପ୍ରସ୍ତୁତ କରିବା ଦରକାର ଯାହା ଆବଣ୍ଟନଗ୍ରାହୀ ମାନଙ୍କଙ୍କ ପାଇଁ ଶିଳ୍ପପ୍ରତିଷ୍ଠାନ ପ୍ରତିଷ୍ଠା କରିବା ପାଇଁ ଅତ୍ୟାବଶ୍ୟକ ଅଟେ ଏବଂ ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ସମୟାନୁବର୍ତ୍ତୀ ବିକାଶ ପାଇଁ ଜରୁରୀ ଅଟେ।*

### *ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଜଳ ଯୋଗାଣ ବ୍ୟବସ୍ଥା*

**5.8.2** ଓଡ଼ିଶା ଜଳସେଚନ ନିୟମ, 1961 (2010 ରେ ସଂଶୋଧିତ) ଧାର୍ଯ୍ୟ କରିଥିଲା ଯେ, ଶିଳ୍ପାନୁଷ୍ଠାନ ମାନେ ଜଳ ସମ୍ପଦ ବିଭାଗ ସହିତ ଚୁକ୍ତିନାମା କରି ସରକାରୀ ଉତ୍ସରୁ ଜଳ ଉଠାଇ ପାରିବେ। ବିନା ଚୁକ୍ତିରେ ଜଳ ଉତ୍ତୋଳନ କରିଲେ ସାଧାରଣ ଦର ଠାରୁ ଛଅଗୁଣା ଦରରେ ଜଳ ଦେୟ ଆକାରରେ ପଇଠ କରିବାର ଥିଲା। ଇଡ୍କୋ 116 ଟି ମଧ୍ୟରୁ କେବଳ ତିନୋଟି[60] ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ସରକାରୀ ଉତ୍ସରୁ ଆବଣ୍ଟନଗ୍ରାହୀ ମାନଙ୍କଠାରୁ ଜଳ କର ଆଦାୟ କରି ଜଳ ଉତ୍ତୋଳନ କରୁଥିଲା। ଅନ୍ୟ 18 ଟି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଇଡ୍କୋ ନିଜସ୍ୱ ବ୍ୟବସ୍ଥାରେ ଜଳ ଯୋଗାଣ କରୁଥିଲା। ବାକି 95 ଟି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଆବଣ୍ଟନଗ୍ରାହୀ ମାନେ ସେମାନଙ୍କର ନିଜସ୍ୱ ବ୍ୟବସ୍ଥାରେ ଭୂତଳ ଜଳକୁ ବ୍ୟବହାର କରୁଥିଲେ ଯାହା ସମ୍ବନ୍ଧରେ ଇଡ୍କୋ ପାଖରେ କୌଣସି ତଥ୍ୟ ଏବଂ ନିୟନ୍ତ୍ରଣ ନଥିଲା। ଇଡ୍କୋ ଦ୍ୱାରା କୌଣସି ଚୁକ୍ତିନାମାର ଅଭାବ ଯୋଗୁ ସେହି ଶିଳ୍ପାନୁଷ୍ଠାନ ମାନେ ଜଳ କର ପଇଠ ନକରି ଭୂତଳ ଜଳକୁ ଅନଧିକୃତ ଭାବେ ବ୍ୟବହାର କରୁଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ (ଜୁନ୍

---

59 (ଜମି ପ୍ରିମିୟମ + ଉନ୍ନୟନ ଖର୍ଚ୍ଚ) / ଆବଣ୍ଟନଯୋଗ୍ୟ କ୍ଷେତ୍ର, ଯେଉଁଠାରେ ଆବଣ୍ଟନଯୋଗ୍ୟ କ୍ଷେତ୍ରମାନେ ମୋଟ୍ କ୍ଷେତ୍ର ବିଭିନ୍ନ ଭିତ୍ତିଭୂମି ପାଇଁ ଚିହ୍ନିତ କ୍ଷେତ୍ର।

60 କଳିଙ୍ଗନଗର ଶିଳ୍ପ କମ୍ପ୍ଲେକ୍ସ (କେଏନ୍ଆଇସି), କାଳୁଙ୍ଗା ଏବଂ ଖୋର୍ଦ୍ଧା।

2015) ଅନୁଯାୟୀ ଅନଧିକୃତ ଭୂତଳ ଜଳ ବ୍ୟବହାରକୁ ରୋକିବା ଓ ଡିଓଡବ୍ଲୁ୍ୟଆର ସହିତ ଚୁକ୍ତିନାମା ସ୍ୱାକ୍ଷର କରିବାରେ ଇଡ୍କୋ ବିଫଳ ହୋଇଥିଲେ।

ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଗୁଡିକରେ ଅନଧିକୃତ ଜଳର ଉତ୍ସକୁ ବ୍ୟବହାର କରିବାରେ ପର୍ଯ୍ୟାଲୋଚନାର ଅଭାବ ଯୋଗୁ ଇଡ୍କୋ ଆବଶ୍ୟକୀୟ ତଥ୍ୟ ରାଜ୍ୟ ସରକାରଙ୍କୁ ଯୋଗାଇ ପାରିନଥିଲା ଯାହାକି ଭୂତଳ ଜଳ ହ୍ରାସକୁ ରୋକିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଭୂତଳ ଜଳ ବ୍ୟବହାର ଦିଗରେ ବିଭାଗୀୟ ସ୍ଥିତି ଗଠନ କରିବାରେ ସହାୟକ ହୋଇଥାନ୍ତା।

ଶିଳ୍ପକ୍ଷେତ୍ର ମାନଙ୍କରେ ଯେଉଁଠାରେ ଇଡ୍କୋ ଜଳର ବ୍ୟବହାର ପାଇଁ ଚୁକ୍ତି ସ୍ୱାକ୍ଷରିତ କରିଥିଲା ସେଠାରେ ମଧ୍ୟ ନିମ୍ନଲିଖିତ ଖିଲାପ ପରିଲକ୍ଷିତ ହୋଇଥିଲା:

- ଡିଓଡବ୍ଲୁ୍ୟଆର୍ ସହିତ ଚୁକ୍ତିନକରି ଇଡ୍କୋ କଳିଙ୍ଗନଗର ଶିଳ୍ପ ପ୍ରତିଷ୍ଠାନରେ ଶିଳ୍ପ ସଂସ୍ଥାମାନଙ୍କୁ ଅନଧିକୃତ ଜଳ ଯୋଗାଇ (ଅପ୍ରେଲ 2015 ରୁ ଅଗଷ୍ଟ 2015) ଆସୁଥିଲା। ଏଥିଯୋଗୁ ଜଳ ବିଭାଗ ଇଡ୍କୋ ଠାରୁ ଅନଧିକୃତ ଜଳବ୍ୟବହାର ବାବଦରେ ଜଳ କର ଦଣ୍ଡ ରୂପରେ 6.57 କୋଟି ଟଙ୍କା ଦାବି କରିଥିଲା। କିନ୍ତୁ, ଇଡ୍କୋ ଏହାକୁ ସେପ୍ଟେମ୍ବର 2019 ପର୍ଯ୍ୟନ୍ତ ପଇଠ କରିନଥିଲା ଯାହା ଫଳରେ ସେମାନେ 21.56 କୋଟି ଟଙ୍କାର ବର୍ଦ୍ଧିତ ଦାବିକୁ ଅକ୍ଟୋବର 2019 ରେ ପାଇଥିଲେ।

- ଇଡ୍କୋ ଦ୍ୱାରା ଖୋର୍ଦ୍ଧା ଶିଳ୍ପ କ୍ଷେତ୍ର[61] ଜଳ ଯୋଗାଣ ପିପିପି ବ୍ୟବସ୍ଥାରେ ଏବଂ ବହୁଳ ଜଳ ଯୋଗାଣ ଚୁକ୍ତିନାମା ଅନୁସାରେ ଅକ୍ଟୋବର 2018 ଠାରୁ ପରିଚାଳନା କରାଯାଉଛି। ଏହି ଚୁକ୍ତିନାମା ଅନୁଯାୟୀ, ଇଡ୍କୋ ଦିନକୁ 13.19 ନିୟୁତ୍ ଲିଟର ଜଳ ନେବାର ଥିଲା ଏବଂ ଏହି ଅନୁଯାୟୀ ଜଳ କର ପଇଠ କରିବା ଥିଲା ଯଦିଓ ଜଳ ବ୍ୟବହାର କମ୍ ଥିଲା। ସମୀକ୍ଷାରୁ ଜଣାଗଲା ଯେ, ଇଡ୍ କୋ ମାତ୍ର 5 ଏମ୍ଏଲ୍ଡି ଜଳକୁ ଅକ୍ଟୋବର 2018 ରୁ ଜୁନ୍ 2020 ମଧ୍ୟରେ ବ୍ୟବହାର କରିପାରିଥିଲା। ଏଥିଯୋଗୁ ଇଡ୍କୋକୁ ସମସ୍ତ ଚୁକ୍ତିଭିତ୍ତିକ 13.19 ନିୟୁତ ଲିଟର ପାଇଁ 13.88 କୋଟି ଟଙ୍କାର ଦେୟ ବରାଦ ପଡିଥିଲା। ପରିଯୋଜନା ଅନୁଯାୟୀ ଇଡ୍କୋ ଜଳ ବ୍ୟବହାର କରିପାରି ନଥିଲା କାରଣ ଇଡ୍କୋ ସି ଫୁଡ୍ ପାର୍କ, ଡେରାସ୍ ଓ ଇନ୍ଫୋଭାଲି ପ୍ରକଳ୍ପ ଗୁଡିକରେ ଆବଣ୍ଟନଗ୍ରହୀ ମାନଙ୍କୁ ଜମି ଯୋଗାଇ ପାରିନଥିଲା। 13.19 ଏମ୍ଏଲ୍ଡି ପରିଯୋଜନାର ଆଧାର ମଧ୍ୟ ସମୀକ୍ଷାରେ ସ୍ପଷ୍ଟ ହୋଇପାରି ନଥିଲା।

  ଇଡ୍କୋ ଉତ୍ତରରେ ଜଣାଇଲା (ଅଗଷ୍ଟ 2020) ଯେ, ଜଳ ସଂରକ୍ଷଣ ପାଣ୍ଠି (ଡବ୍ଲୁ୍ୟସିଏଫ୍) ଜମା ବାବଦରେ ସ୍ପଷ୍ଟୀକରଣର ଅଭାବ ହୋଇଥିଲା ଯାହା ଡିଓଡବ୍ଲୁ୍ୟଆର୍ ସହିତ ଆବଶ୍ୟକୀୟ ଚୁକ୍ତିନାମା ଓ ଜଳ ଉତ୍ତୋଳନ ପାଇଁ ଦେୟ ଆଦାୟ କରିବାରେ ପ୍ରଭାବ ପକାଇଥିଲା। ଏହି ଉତ୍ତରଟି ପ୍ରାସଙ୍ଗିକ ନଥିଲା ଯେହେତୁ ଡବ୍ଲୁ୍ୟସିଏଫ୍ ନଭେମ୍ବର 2015 ରେ ଡିଓଡବ୍ଲୁ୍ୟଆର୍ ଦ୍ୱାରା ଏକ ବିଜ୍ଞପ୍ତି ଯୋଗୁ ଗଠନ କରାଯାଇଥିଲା ଏବଂ ସମୀକ୍ଷା ପର୍ଯ୍ୟବେକ୍ଷଣ 2015 ମସିହାର ପୂର୍ବ ସମୟକୁ ସୂଚାଉ ଥିଲା। ଇଡ୍କୋ ଏହା ମଧ୍ୟ ଜଣାଇଥିଲା ଯେ, ଇଆରଏଫ୍ ମାଧ୍ୟମରେ ଏହାର ପର୍ଯ୍ୟାଲୋଚନ ପାଇଁ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସତ୍ୟତା ଏହା ଥିଲା ଯେ, ଇଡ୍କୋ ଏବଂ ସରକାରୀ ସଂସ୍ଥା ହୋଇ ମଧ୍ୟ ଜଳ ଭଳି ଏକ ଦୁର୍ଲଭ ସମ୍ପଦ ପାଇଁ ପ୍ରାସଙ୍ଗିକ ଆଇନକୁ ମାନି ନଥିଲା।

### *ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଗୁଡିକରେ ଜମି ଆବଣ୍ଟନରେ ଅନିୟମିତତା*

**5.8.3** ଶିଳ୍ପ ବିଭାଗ 2014-15 ରୁ 2018-19 ମଧ୍ୟରେ ଓଆଇଆଇଡିସି ଅଧିନିୟମର ବିଭାଗ 14 (ii) ଅନୁଯାୟୀ 636.66 ଏକର ଜମିକୁ ନେଇ 10 ଟି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ବିଜ୍ଞପ୍ତି ଜାରି କରିଥିଲା, ଯାହା ମଧ୍ୟରୁ ଇଡ୍କୋ 14 ଟି ଶିଳ୍ପ ସଂସ୍ଥାମାନଙ୍କୁ 197.73 ଏକର ଜମି ଆବଣ୍ଟନ କରିଥିଲା। ଦ୍ୱିତୀୟରେ, ଆବଶ୍ୟକୀୟ ବିଜ୍ଞପ୍ତି ବିନା 18 ଟି ଶିଳ୍ପ ସଂସ୍ଥାମାନଙ୍କୁ ଖୋଲାଦ୍ୱାର ଓ ସି ଫୁଡ୍ ପାର୍କରେ ଥିବା ମୋଟ୍ ଆବଣ୍ଟନୀୟ 139.25 ଏକର ଜମିରୁ 62.16 ଏକର ଜମି ଆବଣ୍ଟନ କରିଥିଲା। ସମୀକ୍ଷାରୁ ଜଣାଗଲା ଯେ, ଇଡ୍କୋ ଶିଳ୍ପ କ୍ଷେତ୍ରର ବିଜ୍ଞପ୍ତି ପରେ ବର୍ଦ୍ଧିତ ଦରରେ ସ୍ଥିରୀକୃତ କରାଯାଇଥିବା ଜମି ଦର ବାବଦରେ ବଳକା ଜମି ଦରକୁ ଆଦାୟ ପାଇଁ ଏହାର

---

[61] ଇନ୍ଫୋଭ୍ୟାଲି; ସି ଫୁଡ୍ ପାର୍କ, ଡେରାସ୍ ଏବଂ ଖୋର୍ଦ୍ଧା ଶିଳ୍ପକ୍ଷେତ୍ର।

ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ (ମାର୍ଚ୍ଚ 2017) କରାଯାଇଥିବା ସର୍ତ୍ତକୁ ମାନି ନଥିଲା। ଏହା ଫଳରେ ନିମ୍ନଲିଖିତ ଜମି ଦର କମ୍ ଅସୁଲ ହୋଇଥିଲା:

**ସାରଣୀ 5.3: ଜମି ଦରରେ କମ୍ ଅସୁଲି**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ଶିଳ୍ପ ସଂସ୍ଥାର ନାମ | ଜମି ଆବଣ୍ଟନ (ଏକରରେ) | ବୋର୍ଡର ନିଷ୍ପତ୍ତି ଅନୁସାରେ ଜମି ଦର | ଜମି ଦର ଆଦାୟ | କମ୍ ଅସୁଲି |
|---|---|---|---|---|---|
| **ଖୋଲାଦ୍ୱାରା** | | | | | |
| **1** | କଳିଙ୍ଗ ବାୟୋ ଫର୍ଟିକେମ୍ | 0.48 | 0.21 | 0.15 | 0.06 |
| **2** | ଶୋଭା ଇଣ୍ଡଷ୍ଟ୍ରିଜ୍ | 1.00 | 0.43 | 0.30 | 0.13 |
| **3** | ଆଇଟିସି | 26.00 | 11.24 | 7.80 | 3.44 |
| | ଆଇଟିସି | 4.00 | 2.59 | 1.80 | 0.79 |
| **4** | କାଲ୍‌ସେନ୍ ପ୍ରାଇଭେଟ୍ ଲିମିଟେଡ୍ | 1.00 | 0.43 | 0.30 | 0.13 |
| | ମୋଟ୍ | **32.48** | 14.90 | 10.35 | **4.55** |
| **ରାମଦାସପୁର** | | | | | |
| **1** | ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ | 14.00 | 3.50 | 1.19 | 2.31 |
| **2** | ପ୍ରିକାଷ୍ଟାରସ୍ ଇଣ୍ଡିଆ ଲିମିଟେଡ୍ | 12.08 | 3.02 | 1.03 | 1.99 |
| **3** | ଏମ୍. କେ. ପ୍ଲାଷ୍ଟ ପ୍ରାଇଭେଟ୍ ଲିମିଟେଡ୍ | 3.00 | 0.75 | 0.45 | 0.30 |
| | ମୋଟ୍ | **29.08** | 7.27 | 2.67 | **4.60** |
| **ଜୟମଙ୍ଗଳ** | | | | | |
| **1** | ମେସର୍ସ ସୁଗୁଣା ଫୁଡ୍ସ | 3.00 | 1.34 | 1.20 | 0.14 |
| **2** | ମେସର୍ସ ମାଲାନୀ ଫୋମ୍ସ | 18.20 | 8.11 | 7.28 | 0.83 |
| | ମୋଟ୍ | **21.20** | 9.45 | 8.48 | **0.97** |
| ସି ଫୁଡ୍ ପାର୍କ | | | | | |
| **1** | ସାବ୍ରୀ ଫୁଡ୍ସ | 4.10 | 2.87 | 2.46 | 0.41 |
| **2** | କଷ୍ଟାଲ୍ କରପୋରେସନ୍ | 4.28 | 3.00 | 2.57 | 0.43 |
| | ମୋଟ୍ | **8.38** | 5.87 | 5.03 | **0.84** |
| | ସର୍ବ ମୋଟ୍ | **91.14** | | | **10.96** |

*(ଉତ୍ସ: ଇଡ୍‌କୋର ନଥିପତ୍ର)*

ସମୀକ୍ଷାରେ ଉପରୋକ୍ତ ଜମି ଆବଣ୍ଟନକୁ ବିଶ୍ଳେଷଣ କରି ନିମ୍ନଲିଖିତ ଆକଳନ କରାଗଲା:

- ଇଡ୍‌କୋ ମୂଲ୍ୟ ନିର୍ଦ୍ଧାରଣ କମିଟି (ପିଏଫ୍‌ସି)/ ବୋର୍ଡର[62] ଅନୁମୋଦନ ବିନା 2015-16 ମଧ୍ୟରେ ଏକର ପିଛା 30 ଲକ୍ଷ ଟଙ୍କାରେ ଖୋଲାଦ୍ୱାର ଶିଳ୍ପ କ୍ଷେତ୍ର ଚାରୋଟି ସଂସ୍ଥାକୁ 32.48 ଏକର ଜମି ବଣ୍ଟନ କରିଛି। ଆବଣ୍ଟନ ନିର୍ଦ୍ଦେଶରେ ଦର୍ଶାଯାଇଛି ଯେ ଜମି ମୂଲ୍ୟ ସାମୂହିକ ଅଟେ ଯାହା ସରକାରୀ/ ଇଡ୍‌କୋ ବୋର୍ଡର ନିର୍ଦ୍ଦେଶ ପାଇବା ପରେ ସଂଶୋଧିତ ହେବ ଏବଂ ଭିନ୍ନକ୍ଷମ ମୂଲ୍ୟ; ଯଦି ଥାଏ ତାହା ପୁନଃ ଆଦାୟ ହେବ। ଯଦିଓ ବୋର୍ଡ ଅଗଷ୍ଟ 2016 ରେ ଆୟୋଜିତ ହୋଇଥିବା ସଭାରେ ଏକର ପିଛା 43.22 ଲକ୍ଷ ଟଙ୍କାରେ ଜମି ହାରକୁ ଅନୁମୋଦନ କରିଛି, ଇଡ୍‌କୋ କିନ୍ତୁ ଏହି ଅନୁସାରେ ଚାରୋଟି ସଂସ୍ଥାରୁ 4.55 କୋଟି ଟଙ୍କାର ବକେୟା ମୂଲ୍ୟକୁ ଦାବି କରିନଥିଲା।

  ଇଡ୍‌କୋ ଉତ୍ତର ରଖିଥିଲା (ଅଗଷ୍ଟ 2020) ଯେ, ଆଶା କରାଯାଉଥିବା ପ୍ରଭାବ ସହିତ ଜମି ହାର ଏବେ ସ୍ଥିର ହୋଇଛି ତେଣୁ ଏହି ସଂସ୍ଥାମାନଙ୍କ ପାଇଁ ଏହା ପ୍ରଯୁଜ୍ୟ ନୁହେଁ। ଏହି ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ

---

[62] ଜମି ନିୟମାବଳୀ 2016 ଅନୁଯାୟୀ ଇଡ୍‌କୋ ଜମି ଦରକୁ ମୂଲ୍ୟ ନିର୍ଦ୍ଧାରଣ କମିଟି ମାଧ୍ୟମରେ ସ୍ଥିର କରି ଏହାକୁ ବୋର୍ଡ ଦ୍ୱାରା ଅନୁମୋଦିତ କରେ।

ଆବଣ୍ଟନ ନିର୍ଦ୍ଦେଶରେ ନିର୍ଦ୍ଦିଷ୍ଟ ଭାବରେ କୁହାଯାଇଛି ଯେ ରାଜ୍ୟ ସରକାର/ ଇଡ୍‌କୋ ବୋର୍ଡ଼ରୁ ନିର୍ଦ୍ଦେଶ ଗ୍ରହଣ ଉପରେ ପୁନର୍ବିଚାର ପାଇଁ ଜମି ମୂଲ୍ୟ ସାମୟିକ ଅଟେ।

- ଇଡ୍‌କୋ ରାମଦାସପୁର ଶିଳ୍ପ କ୍ଷେତ୍ର 29.08 ଏକର ଜମିକୁ ତିନୋଟି ଶିଳ୍ପସଂସ୍ଥା[63] ମାନଙ୍କୁ ବିଜ୍ଞପ୍ତି ପୂର୍ବରୁ (ଅଗଷ୍ଟ 2018) ଏକର ପିଛା 8.50 ଲକ୍ଷ ଟଙ୍କା ହାରରେ ଖାଲି ଜମି ଭାବରେ ବଣ୍ଟନ କରିଛି ଏବଂ ଯଦି ଏହି କ୍ଷେତ୍ର ଶିଳ୍ପ କ୍ଷେତ୍ରରେ ବିକଶିତ ହୁଏ ତେବେ ବକେୟା ଜମି ହାରକୁ ପୁନଃ ଆଦାୟ କରିବାର ସର୍ତ୍ତ ରହିଛି। ବୋର୍ଡ ଏକର ପିଛା 25 ଲକ୍ଷ ଟଙ୍କାରେ ଜମି ହାରକୁ ଅନୁମୋଦନ କରିଛି ଏବଂ 15 ଟି ଶିଳ୍ପ ସଂସ୍ଥା ମାନଙ୍କୁ 30 ଏକର ଜମି ଆବଣ୍ଟନ କରିଛି। କିନ୍ତୁ, ଇଡ୍‌କୋ ସେହି ତିନୋଟି ସଂସ୍ଥାଠାରୁ ବକେୟା ରାଶି ବାବଦରେ 4.60 କୋଟି ଟଙ୍କା ଆଦାୟ କରିନାହିଁ।

  ଇଡ୍‌କୋ ଦର୍ଶାଇଛି (ଅଗଷ୍ଟ 2020) ଯେ, ଉଦ୍ଧୃତ ସଂସ୍ଥାମାନଙ୍କୁ ଜମି ମୂଲ୍ୟ ପୁନର୍ବିଚାର ପୂର୍ବରୁ ଦିଆଯାଇଛି ତେଣୁ ସେମାନଙ୍କ ଠାରୁ ବକେୟା ରାଶି ଆଦାୟ କରିବା ଗ୍ରହଣୀୟ ନୁହେଁ। ଏହି ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଭବିଷ୍ୟତରେ ଯଦି ସଂଶୋଧିତ ହୁଏ ତେବେ ବର୍ଦ୍ଧିତ ଜମି ମୂଲ୍ୟକୁ ପୁନଃ ଆଦାୟ ପାଇଁ ବୋର୍ଡ ନିଷ୍ପତ୍ତି (10 ମାର୍ଚ୍ଚ 2017) ନେଇ ସାରିଛି।

- ଜୟମଙ୍ଗଳ ଶିଳ୍ପ କ୍ଷେତ୍ର ଜମି ହାର ପିଏଫ୍‌ସି ଦ୍ୱାରା ନିର୍ଦ୍ଧାରିତ ହୋଇନାହିଁ ଅଥବା ବୋର୍ଡ ଦ୍ୱାରା ଅନୁମୋଦନ ଆଜି ପର୍ଯ୍ୟନ୍ତ (ଡିସେମ୍ବର 2019) ହୋଇନାହିଁ। ଇଡ୍‌କୋ 3 ଏକର ଜମିକୁ ସୁଗୁନା ଖାଦ୍ୟ ଏନଂ 18.200 ଏକର ଜମିକୁ ମାଲାନୀ ଫେମସ୍‌କୁ ଏକର ପିଛା 40 ଲକ୍ଷ ଟଙ୍କାରେନିଜସ୍ୱ ପ୍ରଶାସନିକ ଶୁଳ୍କ ବାବଦରେ 10 ଶତକଡାକୁ ବିଚାରକୁ ନନେଇ ଆବଣ୍ଟନ କରିଛି ଏବଂ ଏହାଦ୍ୱାରା 0.97 କୋଟି ଟଙ୍କାର କମ୍ ଜମି ମୂଲ୍ୟ ଆଦାୟ କରିପାରିଛି।

  ଇଡ୍‌କୋ ଦର୍ଶାଇଛି (ଅଗଷ୍ଟ 2020) ଯେ, ଜମିର ମୂଲ୍ୟକୁ ଏକର ପିଛା 40 ଲକ୍ଷ ଟଙ୍କାରେ ବୋର୍ଡ ଦ୍ୱାରା ସ୍ଥିର କରାଯାଇଛି। ପ୍ରଶାସନିକ ଶୁଳ୍କ ଆଦାୟ ନକରାଯିବାର କାରଣ ନେଇ ଉତ୍ତର ନୀରବ ଥିବାରୁ ଏହି ଉତ୍ତର ପ୍ରାସଙ୍ଗିକ ନୁହେଁ।

- ଇଡ୍‌କୋ ମାର୍ଚ୍ଚ 2019 ପର୍ଯ୍ୟନ୍ତ ସିଫୁଡ୍ ପାର୍କ ପାଇଁ ଜମି ମୂଲ୍ୟକୁ ବୋର୍ଡର ଅନୁମୋଦନ କ୍ରମେ ଏକର ପିଛା 70 ଲକ୍ଷ ଟଙ୍କାରେ ଏବଂ 60 ଲକ୍ଷ ଟଙ୍କାର ପ୍ରାରମ୍ଭିକ ରିହାତି ସହିତ ସ୍ଥିର (ଅଗଷ୍ଟ 2016) କରିଥିଲା। ଏହା ମଧ୍ୟ ଦେଖାଗଲା ଯେ 27 ମାର୍ଚ୍ଚ 2019 ରେ ବୋର୍ଡ ଏହି ପ୍ରାରମ୍ଭିକ ରିହାତି ଦରକୁ 31 ମାର୍ଚ୍ଚ 2019 ଠାରୁ ବୃଦ୍ଧି କରିବାକୁ ଅନୁମୋଦନ ଦେଇ ନଥିଲା। ଇଡ୍‌କୋ ତଥାପି 4.10 ଏକର ଜମି (ମଇ 2019) ରେ ସାବ୍ରି ଫୁଡ୍ ଉତ୍ପାଦକୁ ଏବଂ 4.28 ଏକର ଜମି (ଜୁନ୍ 2019) ରେ କୋଷ୍ଟାଲ୍ କର୍ପୋରେସନ୍‌କୁ ପ୍ରାରମ୍ଭିକ ରହାିତି 60 ଲକ୍ଷ ଟଙ୍କା ଦରରେ ଆବଣ୍ଟନ କରିଥିଲା, ଯାହାଫଳରେ 83.80 ଲକ୍ଷ ଟଙ୍କାର କମ୍ ଜମି ମୂଲ୍ୟ ଆଦାୟ କରାଗଲା।

  ଇଡ୍‌କୋ ଦର୍ଶାଇଲା (ଅଗଷ୍ଟ 2020) ଯେ, ଉପରୋକ୍ତ ସଂସ୍ଥାମାନଙ୍କୁ ପ୍ରାରମ୍ଭିକ ରିହାତି ଅନୁମତି ଦିଆଯାଇଥିଲା, କାରଣ 31 ମାର୍ଚ୍ଚ 2019 ପୂର୍ବରୁ ସେମାନଙ୍କ ପାଖକୁ ଆଦାୟ ଚିଠି ଦିଆଯାଇଥିଲା ଯଦିଓ ଏହାପରେ ଜମି ଆବଣ୍ଟନ କରାଗଲା। ଏହି ଉତ୍ତରଟି ଗ୍ରହଣଯୋଗ୍ୟ ନୁହେଁ କାରଣ ଜମି ଆବଣ୍ଟନ କମିଟି (ଏଲ୍‌ଏସି) 23 ଡିସେମ୍ବର 2016 ସଭାରେ ନିଷ୍ପତ୍ତି ନିଆଯାଇଥିଲା ଯେ ଜମିର ଆବଣ୍ଟନ ଚିଠିର ତାରିଖ ଅନୁଯାୟୀ ନୁହେଁ ବରଂ ବଣ୍ଟନ ତାରିଖ ଉପରେ ଥିବା ଜମି ହାର ନେଇ ଏହା ଦିଆଯିବା ଉଚିତ୍।

### *ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସର ଅଂଶ ଭାବେ ଏଲ୍‌ଏସିର ପ୍ରଭାବ*

**5.8.4** ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସର ଅଂଶ ଭାବରେ ଇଡ୍‌କୋ ଜମି ଆବଣ୍ଟନ କମିଟି ଗଠନ କରିଥିଲା, ଯାହା ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ପ୍ରାଧିକରଣର ସୁପାରିଶକୁ କାର୍ଯ୍ୟକାରୀ କରିବା ଏବଂ ଆଠଦିନ ମଧ୍ୟରେ ଜମି ବଣ୍ଟନପତ୍ର ପ୍ରଦାନ କରିବା ପାଇଁ ପ୍ରତ୍ୟେକ ମାସ 15 ତାରିଖରେ ଡକାଯିବ।

---

63 ଜୟ ଭାରତ ମସଲା, ପ୍ରିକାଷ୍ଟର ଇଣ୍ଡିଆ ଲିମିଟେଡ୍ ଏବଂ ଏମ୍. କେ. ପ୍ଲାଷ୍ଟ ପ୍ରାଇଭେଟ୍ ଲିମିଟେଡ୍

ଏହା ଲକ୍ଷ୍ୟ କରାଗଲା ଯେ, ମାର୍ଚ୍ଚ 2019 ସୁଦ୍ଧା 46 ଟି ଧାର୍ଯ୍ୟ ବୈଠକ ମଧ୍ୟରୁ ମାତ୍ର 23 (50 ପ୍ରତିଶତ) ବୈଠକ ହୋଇଥିବାରୁ ଏହା ପାଳନ କରାଯାଇ ନାହିଁ। 2014-19 ଅବଧି ମଧ୍ୟରେ, ଇଡ୍‌କୋ ସିଙ୍ଗିଲ୍ ଓ୍ୱିଣ୍ଡୋ କ୍ଲିୟରାନ୍ସ ପ୍ରାଧିକରଣର ସୁପାରିଶ ଠାରୁ 53 ରୁ 2,401 ଦିନ (ଛଅ ବର୍ଷରୁ ଅଧିକ) ବ୍ୟବଧାନ ପରେ 164 ଶିଳ୍ପକୁ ଆବଣ୍ଟନ ପତ୍ର ପ୍ରଦାନ କରିଥିଲା। ଏହିପରି ବିଳମ୍ବର ମୁଖ୍ୟ କାରଣ ଥିଲା ନିୟମିତ ଏଲ୍‌ଏସି ବୈଠକ ଗୁଡିକ ଆୟୋଜନ ନକରିବା।

ତଥ୍ୟକୁ ଗ୍ରହଣ କରିବା ସହିତ ଇଡ୍‌କୋ ଦର୍ଶାଇଛି (ଅଗଷ୍ଟ 2020) ଯେ, ନିୟମିତ ଏଲ୍‌ଏସି ବୈଠକ ଡାକିବା ଏବଂ ଶିଳ୍ପସଂସ୍ଥା ସପକ୍ଷରେ ଜମି ଆବଣ୍ଟନ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଓଡ଼ିଶା 2019 ବର୍ଷରେ ଇଜ୍ ଅଫ୍ ଡୁଇଙ୍ଗ ବିଜିନେସ୍ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ତେଣୁ ଶିଳ୍ପ ଭିତ୍ତିଭୂମି ପାଇଁ ଗୁରୁତ୍ୱପୂର୍ଣ୍ଣ ନିବେଶ ଯୋଗାଣ ବୃଦ୍ଧି କରିବା ପାଇଁ ଧାର୍ଯ୍ୟ ଅନୁଯାୟୀ ଏଲ୍‌ଏସି ସଂକ୍ରିୟା ଏବଂ ସିଙ୍ଗିଲ୍ ଓ୍ୱିଣ୍ଡୋ କ୍ଲିୟରାନ୍ସ ପ୍ରାଧିକରଣ ସହିତ ଏହାର ସହଯୋଗ କରିବାର ଦାୟିତ୍ୱ ଇଡ୍‌କୋ ଉପରେ ନ୍ୟସ୍ତ ଅଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଇଜ୍ ଅଫ୍ ଡୁଇଙ୍ଗ ବିଜିନେସ୍ ତାଲିକାରେ ଓଡ଼ିଶାର କ୍ରମାଙ୍କ 2015 ରେ 7 ରୁ ହ୍ରାସ ପାଇ 2019 ରେ 29 ତମ ସ୍ଥାନରେ ପହଞ୍ଚିଛି।

### *ନକରାତ୍ମକ ତାଲିକାରେ ଆସୁଥିବା ଶିଳ୍ପମାନଙ୍କୁ ରିହାତି ଦରରେ ଜମି ଆବଣ୍ଟନ*

**5.8.5** ଆଇପିଆର୍ ନିର୍ଦ୍ଦିଷ୍ଟ ବର୍ଗର ପ୍ରତିଷ୍ଠାନ ଗୁଡିକ ପାଇଁ ନକରାତ୍ମକ ତାଲିକା ନିର୍ଦ୍ଧାରିତ କରିଚି ଯେଉଁ ଗୁଡିକ କି ସୁବିଧା ଯେପରିକିସୁଧ ରିହାତି, ଷ୍ଟାମ୍ପ ଡ୍ୟୁଟି ଛାଡ ଇତ୍ୟାଦି ପାଇବା ପାଇଂ ଯୋଗ୍ୟ ନୁହେଁ କିମ୍ବା ରିହାତି ଦରରେ ରାଜ୍ୟରେ ଜମି ଆବଣ୍ଟନ ପାଇଁ ଯୋଗ୍ୟ ନୁହେଁ କିନ୍ତୁ ନିର୍ଦ୍ଧାରିତ[64]/ବଜାର ଦରରେ ସାଧାରଣ ନିୟମ ଅନୁଯାୟୀ ବିନିଯୋଗ ସୁବିଧା ଏବଂ ଜମି ଆବଣ୍ଟନ ପାଇଁ ଯୋଗ୍ୟ। ପୁନଶ୍ଚ, ଜମି ଆବଣ୍ଟନ ବାବଦରେ ଜୁଲାଇ 2016 ରେ ଜାରି କରାଯାଇଥିବା ମାଷ୍ଟର ସର୍କୁଲାର ଅନୁଯାୟୀ ଆଇପିଆର୍ର ନକରାତ୍ମକ ତାଲିକା ଅଧିନରେ ଆସୁଥିବା ପ୍ରତିଷ୍ଠାନ ଗୁଡିକୁ ଇଡ୍‌କୋ ଶିଳ୍ପ ଜମି ଦରରୁ 15 ପ୍ରତିଶତ ଅଧିକ ଦେୟ ନେଇପାରିବ।

ସମୀକ୍ଷାରୁ ଦେଖାଗଲା ଯେ, ଇଡ୍‌କୋ ସମ୍ପୃକ୍ତ ଉପ ନିବନ୍ଧକଙ୍କ ଠାରୁ ଜମିର ନିର୍ଦ୍ଧାରିତ ମୂଲ୍ୟ ପ୍ରାପ୍ତ ନକରି 26.87 ଏକରର ଜମି 9 ଟି ଶିଳ୍ପ କ୍ଷେତ୍ରରେ 100 ଟିରୁ 14 ଟି ଶିଳ୍ପ ପ୍ରତିଷ୍ଠାନକୁ ଆବଣ୍ଟନ କରିଛି **(ପରିଶିଷ୍ଟ-9)**। ଏହାର ଫଳ ସ୍ୱରୂପ ଉପରୋକ୍ତ ଆବଣ୍ଟନରେ 13.34 କୋଟି ଟଙ୍କାର କମ୍ ଅସୁଲି ହୋଇଛି।

ଇଡ୍‌କୋ ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିବା ସହିତ ଦର୍ଶାଇଁ (ଅଗଷ୍ଟ 2020) ଯେ, ନିର୍ଦ୍ଧାରିତ ମୂଲ୍ୟରେ ଦେୟ ଆଦାୟ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

### *ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ମାନଙ୍କରେ ଆବଣ୍ଟନ ପରବର୍ତ୍ତୀ ପ୍ରସ୍ତାବ*

**5.8.6** ଇଡ୍‌କୋ ଏହାର ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ମାନଙ୍କରେ ମାଷ୍ଟର ସର୍କୁଲାର ବ୍ୟବସ୍ଥା ଏବଂ ସମୟ ସମୟରେ ଏହାର ବୋର୍ଡର ନିଷ୍ପତ୍ତି/ ନିର୍ଦ୍ଦେଶାବଳୀ ଉପରେ ଆଧାର କରି ଆବଣ୍ଟନ ପରବର୍ତ୍ତୀ ପ୍ରସ୍ତାବ ଗୁଡିକ କାର୍ଯ୍ୟକାରୀ କରୁଥିଲା। ଆବଣ୍ଟନ ପରବର୍ତ୍ତୀ ପ୍ରସ୍ତାବ ଗୁଡିକରେ ମୂଳ ବଣ୍ଟନକାରୀଙ୍କ ଠାରୁ ଲିଜ୍ ହୋଲ୍ଡ ସମ୍ପତ୍ତି ସ୍ଥାନାନ୍ତରଣ ଏବଂ ମୂଳ ବଣ୍ଟନକାରୀଙ୍କ କାର୍ଯ୍ୟକଳାପର ପରିବର୍ତ୍ତନ ଅନ୍ତର୍ଭୁକ୍ତ କରାଯାଇଥିଲା। ଇଡ୍‌କୋ 2014-19 ମଧ୍ୟରେ ଲିଜ୍ ହୋଲ୍ଡ ସମ୍ପତ୍ତି ସ୍ଥାନାନ୍ତର ଏବଂ ସାତୋଟି ଶାଖାରେ[65] 107.62 ଏକର ଜମି ସହିତ ଜଡିତ କାର୍ଯ୍ୟକଳାପର ପରିବର୍ତ୍ତନ ସମ୍ବନ୍ଧୀୟ 150 ଆବଣ୍ଟନ ପରବର୍ତ୍ତୀ ପ୍ରସ୍ତାବକୁ ଅନୁମୋଦନ କରିଛି।

ଏହି ପରିପ୍ରେକ୍ଷୀରେ ସମୀକ୍ଷାରେ ନିମ୍ନଲିଖିତ ଗୁଡିକ ଲକ୍ଷ୍ୟ କରାଗଲା:

i. ***ଅନଧିକୃତ ବ୍ୟବହାର/ ଅବ୍ୟବହୃତ ଜମି ସ୍ଥାନାନ୍ତର***

ଆବଣ୍ଟନ ଚିଠିରେ ବ୍ୟବସ୍ଥା ାନୁଯାୟୀ, ଯେଉଁ ଉଦ୍ଦେଶ୍ୟରେ ଜମି ଲିଜ୍ ଦିଆଯାଉଛି ସେହି ଉଦ୍ଦେଶ୍ୟରେ ବ୍ୟବହୃତ ନହେଲେ ଇଡ୍‌କୋର ଜମିକୁ ଫେରାଇ ନାବାର ଅଧିକାର ଥିଲା। ସେହିଭଳି, ଜମି ନିୟମାବଳୀ, 2016

---

64 ନିର୍ଦ୍ଧାରିତ ମୂଲ୍ୟ ହେଉଛି ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇଥିବା ବଜାର ପ୍ରଚଳିତ ଦର।

65 ଅନୁଗୁଳ, ଯାଜପୁର, ସମ୍ବଲପୁର, କଟକ, ବ୍ରହ୍ମପୁର, ଏମ୍‌ଏସ୍‌ଏମ୍‌ଇ-I ଏବଂ ଏମ୍‌ଏସ୍‌ଏମ୍‌ଇ-II ।

ଇଡ୍‌କୋକୁ କ୍ଷମତା ପ୍ରଦାନ କରିଥିଲା ଯେ ଆବଣ୍ଟନଗ୍ରାହୀ ମାନଙ୍କୁ ତାଙ୍କ ଜମି ହସ୍ତାନ୍ତର କରିବାକୁ ଅନୁମତି ଦେବ ଯଦି ଏହି ଜମି ଅଧିକୃତ ଉଦ୍ଦେଶ୍ୟରେ ବ୍ୟବହାର କିମ୍ବା ଅବ୍ୟବହୃତ ହୋଇଥିବ। ସମୀକ୍ଷାରୁ ଲକ୍ଷ୍ୟ କରାଗଲା ଯେ, ଇଡ୍‌କୋ 2.57 କୋଟି ଟଙ୍କାର ସ୍ଥାନାନ୍ତର ଶୁଳ୍କ ବିପକ୍ଷରେ 36 ଟି ପ୍ରତିଷ୍ଠାନର 39.81 ଏକର ଲିଜ୍‌ଧାରୀ ସମ୍ପତ୍ତି ସ୍ଥାନାନ୍ତର କରିବାକୁ ଅନୁମତି ଦେଇଥିଲା (2014-19) ଯେଉଁଗୁଡିକ ଅବ୍ୟବହୃତ ହୋଇ ପଡିରହିଥିଲା କିମ୍ବା ଅନଧିକୃତ ବ୍ୟବହାର କରାଯାଇଥିଲା। ଇଡ୍‌କୋ ଉପର ବର୍ଣ୍ଣିତ ଜମିଗୁଡିକୁ ଫେରାଇଆଣି ପ୍ରଚଳିତ ଦରରେ ପୁନଃ ଆବଣ୍ଟନ କରିପାରିନଥିଲା ଯାହା ଫଳରେ 23.06 କୋଟି ଟଙ୍କା କମ୍ ଅସୁଲି ହେଲା।

ଇଡ୍‌କୋ ଦର୍ଶାଇଛି (ଅଗଷ୍ଟ 2020) ଯେ, ନିୟମାବଳୀ 2016 ଏବଂ ମାଷ୍ଟର ସର୍କୁଲାରରେ ଧାର୍ଯ୍ୟ କରାଯାଇଥିବା ସର୍ତ୍ତାବଳୀ ଅନୁଯାୟୀ ଜମି ହସ୍ତାନ୍ତର କରାଯାଇଛି। ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ କାରଣ ରେଗୁଲେସନ୍ 2016 ର ଧାରା 19 ର ଏହି ସର୍ତ୍ତରେ ଜମି ହସ୍ତାନ୍ତର କରିବାକୁ ଅନୁମତି ଦେଇଥାଏ, ଯଦି ଏପରି ଜମି ଖାଲି ନଥିବ ଏବଂ ଆବଣ୍ଟନଗ୍ରାହୀଙ୍କ ଦ୍ୱାରା ନିଗମ ସହ ହୋଇଥିବା ଲିଜ୍ ଚୁକ୍ତିନାମାର ସର୍ତ୍ତାବଳୀ ଗୁଡିକର ଉଲ୍ଲଙ୍ଘନ କରାଯାଇ ନଥିବ।

### ii. *ପୂର୍ବ ସଂଶୋଧିତ ଜମି ଦରରେ ଜମି ସ୍ଥାନାନ୍ତର/ କାର୍ଯ୍ୟକଳାପର ପରିବର୍ତ୍ତନ*

ଇଡ୍‌କୋ ନିର୍ଦ୍ଦେଶକ ମଣ୍ଡଳୀ (ସେପ୍ଟେମ୍ବର 2014) ଜମିର ବ୍ୟବହାର ସମୟ ଉପରେ ନିର୍ଭର କରି ବିଦ୍ୟମାନ ଜମି ମୂଲ୍ୟ ଉପରେ ଶତକଡା (5 ରୁ 15 ପ୍ରତିଶତ) ଟ୍ରାନ୍ସଫର୍ ଫି ହାର ସ୍ଥିର କରିଚି ଯାହା କାର୍ଯ୍ୟକଳାପର ପରିବର୍ତ୍ତନ ପାଇଁ 1.5 ଗୁଣ ବୃଦ୍ଧି ହେବ ଅର୍ଥାତ୍ ଶିଳ୍ପାନୁଷ୍ଠାନରୁ ଡାକ୍ତରଖାନା ଏବଂ ସ୍ୱାସ୍ଥ୍ୟ ସେବା ପରି ସାମାଜିକ ଭିତ୍ତିଭୂମି ଏବଂ ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଆସୁଥିବା ହୋଟେଲ, ମଲ୍ଟିପ୍ଲେକ୍ସ ଇତ୍ୟାଦି କାର୍ଯ୍ୟକଳାପର ପରିବର୍ତ୍ତନ ପାଇଁ 2.5 ଗୁଣ।

ସମୀକ୍ଷାରୁ ଦେଖାଗଲା ଯେ, ଚନ୍ଦକା ଶିଳ୍ପାଞ୍ଚଳରେ ମେସର୍ସ ବିଗ୍ନେଶ କେମିଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର 0.39 ଏକରର ଲିଜ୍‌ଧାରୀ ଜମିକୁ ପାରସ୍ପରିକ ସହମତି ଭିତ୍ତିରେ କାଶି ଇକ୍ୱିପମେଣ୍ଟକୁ ସ୍ଥାନାନ୍ତର ଓ ଶିଳ୍ପାଞ୍ଚଳରୁ ମଲ୍ଟିପ୍ଲେକ୍ସରେ ପରିବର୍ତ୍ତନ ପାଇଁ ଅନୁମୋଦନ କରିଛି (ଅଗଷ୍ଟ 2015)। ଇଡ୍‌କୋ ମଧ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ମେସର୍ସ ଇପିଟେକ୍ସ ଇଣ୍ଟରନ୍ୟାସନାଲ୍ ପ୍ରାଇଭେଟ୍ ଲିମିଟେଡ୍ ସପକ୍ଷରେ 3.30 ଏକର ଜମି ଶିଳ୍ପାଞ୍ଚଳରୁ ସୁପର ସ୍ପେସିଆଲିଟି ହସ୍ପିଟାଲ୍‌ରେ କାର୍ଯ୍ୟକଳାପ ପରିବର୍ତ୍ତନକୁ ଅନୁମୋଦନ କରିଛି। ଉଭୟ ମାମଲାରେ ପ୍ରଚଳିତ ଦର 1.25 କୋଟି ପରିବର୍ତ୍ତେ ସଂଶୋଧିନ ପୂର୍ବର ଦର 0.75 କୋଟି ଟଙ୍କାରେ ଜମି ହସ୍ତାନ୍ତର ପାଇଁ ଅନୁମତି ଦିଆଯାଇଥିଲା। ତେଣୁ ନିର୍ଦ୍ଦେଶକ ମଣ୍ଡଳୀର ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି ପ୍ରଚଳିତ ଜମି ଦର ପ୍ରୟୋଗ ନକରିବା ଦ୍ୱାରା 4.14 କୋଟି ଟଙ୍କା ମୂଲ୍ୟର ସ୍ଥାନାନ୍ତର ଦେୟ କମ୍ ଅସୁଲି ହୋଇଛି।

ଇଡ୍‌କୋ ଦର୍ଶାଇଛି (ଅଗଷ୍ଟ 2020) ଯେ, ଆବେଦନ ସମୟରେ ପ୍ରଚଳିତ ଜମି ମୂଲ୍ୟ ଉପରେ ସ୍ଥାନାନ୍ତର ଦେୟ ହିସାବ କରାଯାଇଥିଲା। ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ, କାରଣ ପ୍ରଚଳିତ ଦର ଆବେଦନ ସମୟର ପ୍ରଚଳିତ ଦର ବୋଲି ସମ୍ପୃକ୍ତ ବୋର୍ଡ ରିଜଲ୍ୟୁସନ୍ (ସେପ୍ଟେମ୍ବର 2014) ଉଲ୍ଲେଖ କରିନାହିଁ। ଅନ୍ୟ ମାମଲା ଗୁଡିକରେ ଇଡ୍‌କୋ ମଧ ସେହି ଦେୟ ଆବଣ୍ଟନ ସମୟର ପ୍ରଚଳିତ ଦରରେ ସଂଗ୍ରହ କରୁଛି। ପୁନଶ୍ଚ, କେବଳ ଆବେଦନ ପତ୍ର କୌଣସି ପକ୍ଷ ଉପରେ କୌଣସି ଦେୟ ପାଇଁ ବାଧ କରେ ନାହିଁ। ତେଣୁ, ଆବଣ୍ଟନ ସମୟରେ ପ୍ରଚଳିତ ହାରକୁ ଦର୍ଶାଇ ଆବଣ୍ଟନ ତାରିଖକୁ ବିଚାର କରାଯିବା ଉଚିତ୍।

### *ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ରରେ ଆବଣ୍ଟନଗ୍ରାହୀ ମାନଙ୍କ ଠାରୁ ଅଧିକ ଭୂମି ଭଡ଼ା ଓ ସେସ୍ ଆଦାୟ*

**5.8.7** ରାଜ୍ୟ ସରକାର ଓ ଇଡ୍‌କୋ ଦ୍ୱାରା ହୋଇଥିବା ଲିଜ୍ ମାଧମରେ ଇଡ୍‌କୋକୁ ଜମି ଭଡ଼ା ଓ ସେସ୍ ବାବଦରେ ଜମିମୂଲ୍ୟ ଉପରେ ଯଥାକ୍ରମେ 1 ପ୍ରତିଶତ ଏବଂ 0.75 ପ୍ରତିଶତ ଦେବାକୁ ପଡିବ। ଶିଳ୍ପ ବିଭାଗର ନିର୍ଦ୍ଦେଶନାମା (ସେପ୍ଟେମ୍ବର 1996) ଅନୁଯାୟୀ, ଇଡ୍‌କୋ କେବଳ ଜମି ମୂଲ୍ୟ ଉପରେ ଯଥା ବିକାଶ ଖର୍ଚ୍ଚକୁ ବାଦ ଦେଇ ଭୂମି ଭଡ଼ା ଓ ସେସ୍ ଦେଉଥିଲା। ବୋର୍ଡର 17 ମଇ 2016 ରେଜଲୁସନ୍ ମଧ ବିକାଶମୂଳକ ମୂଲ୍ୟକୁ ବାଦ ଦେଇ ଜମି ମୂଲ୍ୟ ଉପରେ ଭୂମି ଭଡ଼ା ଓ ସେସ୍ ଆଦାୟ କରିବାକୁ ଅନୁକୋଦନ କରିଥିଲା।

ସମୀକ୍ଷା ଯାଞ୍ଚରୁ ପାଞ୍ଚଟି ମନୋନୀତ ବିଭାଜନର 36 ଟି ଶିଳ୍ପ କ୍ଷେତ୍ରରେ ଯାଞ୍ଚ କରି ଜାଣିବାକୁ ପାଇଲା ଯେ ସମୀକ୍ଷା ଅବଧି ମଧ୍ୟରେ ଇଡ୍‌କୋ 313.69 ଏକର ଜମି ଆବଣ୍ଟନ କରିଥିଲା ଏବଂ ବିକାଶ ମୂଲ୍ୟ ସହିତ ଜମି ମୂଲ୍ୟ ଧାର୍ଯ୍ୟ କରି ଭୂମି ଭଡ଼ା ଓ ସେସ୍ ବାବଦରେ 2.62 କୋଟି ଟଙ୍କା ସଂଗ୍ରହ କରିଥିଲା। ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ଚାହିଦା ଅନୁଯାୟୀ ଇଡ୍‌କୋ 0.32 କୋଟି ଟଙ୍କା ପ୍ରଦାନ କରିଥିଲା, ଯାହା ଜମି ମୂଲ୍ୟ ଉପରେ କେବଳ ଧାର୍ଯ୍ୟ କରାଯାଇଥିଲା। ଫଳସ୍ୱରୂପ, ଇଡ୍‌କୋ ଆବଣ୍ଟନଗ୍ରହୀ ମାନଙ୍କ ଠାରୁ ଅଧିକା ଭୂମି ଭଡ଼ା ଓ ସେସ୍ ବାବଦରେ 2.30 କୋଟି ଟଙ୍କା ଆଦାୟ କରିଥିଲା ଯାହାକି ସେମାନଙ୍କ ପାଇଁ ଅଣ ପ୍ରୋତ୍ସାହନ ଥିଲା।

ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ଇଡ୍‌କୋ କହିଥିଲା (ଅଗଷ୍ଟ 2020) ଯେ, ଆବଶ୍ୟକ ପଦକ୍ଷେପ ନିଆଯିବ।

### *ସାମାଜିକ ଭିତ୍ତିଭୂମିର ପ୍ରୋତ୍ସାହନ ପାଇଁ ଶିକ୍ଷାନୁଷ୍ଠାନ ଗୁଡିକୁ ଜମି ଆବଣ୍ଟନ*

**5.8.8** ଇଡ୍‌କୋ ଏହାର 61 ତମ ବୋର୍ଡରେ (04 ଡିସେମ୍ବର 2003) ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ରରେ ପୃଥକ ଆନୁଷ୍ଠାନିକ ଅଞ୍ଚଳ (20 ପ୍ରତିଶତ ଆବଣ୍ଟନ ଜମିର) ସୃଷ୍ଟି କରିବାକୁ ନିର୍ଦ୍ଦେଶାବଳୀ ଅନୁମୋଦନ କରିଥିଲା। ଏହା ଶିକ୍ଷାଗତ, ବୃତ୍ତିଗତ ଅନୁଷ୍ଠାନ ଇତ୍ୟାଦି ଗୁଡିକୁ ସ୍ଥାନ ଦେବା ସହିତ ଶିଳ୍ପ ବ୍ୟବହାର ପାଇଁ ପ୍ରଯୁଜ୍ୟ ଜମି ହାରରେ 1.5 ଗୁଣ ଜମି ମୂଲ୍ୟରେ ଆବଣ୍ଟନ କରିବାକୁ ଅନୁମୋଦନ ଦେଇଥିଲା। ରାଜ୍ୟରେ ଶିଳ୍ପ ବିକାଶକୁ ବଜାୟ ରଖିବାକୁ ଉଚ୍ଚମାନର ସାମାଜିକ ଭିତ୍ତିଭୂମିର ପ୍ରୋତ୍ସାହନ ପାଇଁ ଆଇପିଆର୍ 2015 ମଧ୍ୟ ସୁପାରିଶ (ଅଗଷ୍ଟ 2015) କରିଥିଲା ଏବଂ ଶିକ୍ଷାଗତ ତଥା ଚିକିତ୍ସା ପ୍ରତିଷ୍ଠାନ ପରି ସାମାଜିକ ଭିତ୍ତିଭୂମି ବର୍ଗ ଚୟନ କରିବାକୁ ଜମି ଆବଣ୍ଟନ ହାର ଉପରେ ପୃଥକ ବିଜ୍ଞପ୍ତି ଜାରି କରିବାକୁ ଇଡ୍‌କୋକୁ ନିର୍ଦ୍ଦେଶ ଦେଇଥିଲା। ଇଡ୍‌କୋ ଦ୍ୱାରା ସୂଚିତ ହୋଇଥିବା ଜମି ନିୟମାବଳୀ 2016 ର ଧାରା 15(3) ରେ ଦର୍ଶାଯାଇଛି ଯେ ସାମାଜିକ ଭିତ୍ତିଭୂମି ପ୍ରକଳ୍ପ ଗୁଡିକ ପାଇଁ ଜମି ଆବଣ୍ଟନ କରୁଥିବା ବେଳେ, ଜମି ମୂଲ୍ୟ ନିର୍ଣ୍ଣୟ କରିବା ପାଇଁ ବଜାର ଚାହିଦା ମୂଲ୍ୟକୁ ଅନ୍ୟ ଖର୍ଚ୍ଚ ସହିତ ବିଚାର କରାଯିବ। ସମୀକ୍ଷାରୁ ଏହା ଦେଖାଗଲା ଯେ:

i. ବୋର୍ଡର ଉପରୋକ୍ତ ନିଷ୍ପତ୍ତିକୁ ଉଲ୍ଲଙ୍ଘନ କରି ବର୍ଦ୍ଧିତ ହାର (1.5 ଗୁଣ) ପରିବର୍ତ୍ତେ ଶିଳ୍ପଗୁଡିକ ପାଇଁ ପ୍ରଯୁଜ୍ୟ ହାରରେ ଇଡ୍‌କୋ ସାମାଜିକ ଭିତ୍ତିଭୂମି ପାଇଁ ଦୁଇଟି ଶିଳ୍ପ କ୍ଷେତ୍ରରେ ଚାରୋଟି ଶିକ୍ଷାନୁଷ୍ଠାନକୁ 106.13 ଏକର ଜମି ନିୟମାବଳୀ 2016ର ବିଜ୍ଞପ୍ତି ପୂର୍ବରୁ ଯଥା ଫେବୃୟାରୀ 2017ରେ ଆବଣ୍ଟନ କରିଥିଲା, ଫଳସ୍ୱରୂପ 2.77 କୋଟି ଟଙ୍କା[66] ସ୍ୱଳ୍ପ ଆଦାୟ ହୋଇଥିଲା।

   ଇଡ୍‌କୋ ଦର୍ଶାଇଲା (ଅଗଷ୍ଟ 2020) ଯେ, ଆଇପିଆର ଏବଂ ଓଆଇଆଇଡିସି ଅଧିନିୟମ ଆଧାରରେ ବିଚାର କରି ଜମି ଆବଣ୍ଟନ କରାଯାଇଛି। ବୋର୍ଡର ଉପରୋକ୍ତ ନିଷ୍ପତ୍ତିକୁ ବିଚାରକୁ ନେଇ ଏହି ଉତ୍ତରଟି ଗ୍ରହଣୀୟ ନୁହେଁ। ସେଣ୍ଟ ସିରିଡି ସାଇ ଶିକ୍ଷାନୁଷ୍ଠାନ ମାମଲାରେ ଇଡ୍‌କୋ ଜଣାଇଲା ଯେ ସରକାରଙ୍କ ଆଦେଶ ଆଧାରରେ ଏହି ଆବଣ୍ଟନ କରାଯାଇଥିଲା। ମାତ୍ର ଜମି ଆବଣ୍ଟନ ପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସଂଗ୍ରହ କରାଯିବାକୁ ଥିବା ମୂଲ୍ୟ ନିର୍ଦ୍ଦିଷ୍ଟ କରାଯାଇ ନଥିଲା ଯାହା ବୋର୍ଡର ରିଜଲ୍ୟୁସନ୍ ଅନୁଯାୟୀ ଆଦାୟ କରାଯିବାର ଉଚିତ୍ ଥିଲା।

ii. ଇଡ୍‌କୋ ନିୟମ ଅନୁଯାୟୀ ଧାର୍ଯ୍ୟ କରାଯାଇଥିବା ବେଞ୍ଚମାର୍କ ଦରକୁ ବିଚାର କରି ଜମି ହାର ନିର୍ଣ୍ଣୟ କରିବା ପରିବର୍ତ୍ତେ ଶିଳ୍ପ କ୍ଷେତ୍ର ପାଇଁ ବର୍ତ୍ତମାନର ହାରରେ 1.5 ଗୁଣ ହାରରେ ତିନୋଟି ଶିଳ୍ପ କ୍ଷେତ୍ରରେ ଛଅଟି ଅନୁଷ୍ଠାନ[67]କୁ 65.21 ଏକର ଜମି ଜମି ନିୟମାବଳୀ 2016ର ବିଜ୍ଞପ୍ତି ପରେ ଆବଣ୍ଟନ କରିଥିଲା। ଏହା ଦ୍ୱାରା 15.52 କୋଟି ଟଙ୍କା ସ୍ୱଳ୍ପ ଆଦାୟ ହୋଇଥିଲା।

---

66 ବିର୍ଲା ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଟେକ୍‌ନୋଲଜି-29.40 ଏକର (1.03 କୋଟି ଟଙ୍କା), ଆନ୍ତର୍ଜାତୀୟ ପରିଚାଳନା ପ୍ରତିଷ୍ଠାନ -15.84 ଏକର (0.55 କୋଟି ଟଙ୍କା), ଆନ୍ତର୍ଜାତୀୟ ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ-23.24 ଏକର (0.81 କୋଟି ଟଙ୍କା) ଏବଂ ଶିରିଡି ସାଇ ଶିକ୍ଷାଗତ ସମାଜ -37.65 ଏକର (0.38 କୋଟି ଟଙ୍କା) ।

67 ସେଞ୍ଚୁରିଆନ୍ ବୈଷୟିକ ତଥା ପରିଚାଳନା ବିଶ୍ୱବିଦ୍ୟାଳୟ-13.35 ଏକର, ଏସିଆନ୍ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନ-20.00 ଏକର, ସିପେଟ୍-15.00 ଏକର, ସ୍ୱସ୍ତି ପରିଚାଳନା ତଥା ସାମାଜିକ ବିଜ୍ଞାନ ପ୍ରତିଷ୍ଠାନ-2.00 ଏକର, କୋହେନ୍ ଇଣ୍ଟରନ୍ୟାସନାଲ-10.00 ଏକର ଏବଂ ଶ୍ରୀ ଶିରିଡି ସାଇ ଶିକ୍ଷାନୁଷ୍ଠାନ-4.86 ଏକର।

ଇଡ୍‌କୋ ଦର୍ଶାଇଲା (ଅଗଷ୍ଟ 2020) ଯେ, ବେଞ୍ଚମାର୍କ ଦରର ପ୍ରୟୋଗ ଲିଜ୍ ଆଧାରରେ ଜମି ଆବଣ୍ଟନ ନୀତିର ବିରୋଧ କରେ। ଏହି ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଆଇପିଆର ହାରରେ କିମ୍ବା ବେଞ୍ଚମାର୍କ ଦର/ବଜାର ହାରରେ ଆଇପିଆର 2015 ର ଧାରା 16(3) ଏବଂ ଜମି ନିୟମାବଳୀ 2016 ର ଧାରା 15(3) ଅନୁଯାୟୀ ଶିଳ୍ପାନୁଷ୍ଠାନକୁ ଜମି ଆବଣ୍ଟନ କରିବା ପାଇଁ ଧାର୍ଯ୍ୟ କରାଯାଏ। ଦ୍ୱିତୀୟତଃ ଇଡ୍‌କୋର 15 ମଇ 2017 କାର୍ଯ୍ୟକାରୀ ଆଦେଶ ଅନୁଯାୟୀ ରିହାତି ମୂଲ୍ୟରେ ଜମି ପାଇବାକୁ ଯୋଗ୍ୟ ନଥିବା ସଂସ୍ଥାମାନଙ୍କୁ ଜମି ଆବଣ୍ଟନ ସମୟରେ ବିଏମ୍‌ଭି/ବଜାର ହାରରେ ଜମି ମୂଲ୍ୟ ଦେବାକୁ ପଡିଥାଏ।

iii. ଏହାବ୍ୟତୀତ ଇଡ୍‌କୋ ରାମଚନ୍ଦ୍ରପୁର ଶିଳ୍ପାନୁଷ୍ଠାନରେ ଥିବା ସମସ୍ତ ଜମିକୁ ସେଞ୍ଚୁରିଅନ ୟୁନିଭରସିଟି ଅଫ୍ ଟେକ୍ନୋଲଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍)କୁ ଶିଳ୍ପାନୁଷ୍ଠାନ/ଶିଳ୍ପ ମାହଲରେ ସାମାଜିକ ଭିତ୍ତିଭୂମି ପ୍ରକଳ୍ପ ପାଇଁ 20 ପ୍ରତିଶତ ପର୍ଯ୍ୟନ୍ତ ଜମି ଆବଣ୍ଟନ କରିବାକୁ ଥିବା ବୋର୍ଡର ନିଷ୍ପତ୍ତିକୁ ଉଲ୍ଲଙ୍ଘନ କରିଥିଲା।

ଉପରୋକ୍ତରୁ ଏହା ସ୍ପଷ୍ଟ ହେଲା ଯେ ଇଡ୍‌କୋ ଶିକ୍ଷାନିଷ୍ଠାନ ଗୁଡିକୁ ଭୁଲ ଭାବେ ସ୍ୱଳ୍ପ ହାରରେ ଜମି ଆବଣ୍ଟନ କରିଛି ଯାହା ଦ୍ୱାରା 18.29 କୋଟି ଟଙ୍କାର ସ୍ୱଳ୍ପ ଆଦାୟ ହୋଇଛି।

### *ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ରରେ ଆବଣ୍ଟନଗ୍ରାହୀ ମାନଙ୍କ ପ୍ରକଳ୍ପ କାର୍ଯ୍ୟକାରିତା କାର୍ଯ୍ୟକଳାପ ଅଣ-ସମୀକ୍ଷା*

**5.8.9** ଓଆଇଆଇଡିସି ଅଧିନିୟମ, 1980 ର ଧାରା 34 ରେ ଶିଳ୍ପାନୁଷ୍ଠାନରେ ଅବ୍ୟବହୃତ ଅବଶିଷ୍ଟ ଜମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ ଶିଳ୍ପକୁ ଆବଣ୍ଟନ ପାଇଁ ବ୍ୟବସ୍ଥା କରାଯାଇଥିଲା। ଇଡ୍‌କୋ ଅସ୍ଥାୟୀ ଭାବେ ଶିଳ୍ପାନୁଷ୍ଠାନ/ଶିଳ୍ପ କ୍ଷେତ୍ରରେ ଶିଳ୍ପ ଗୁଡିକ ପାଇଁ ଜମି ବା ପଟ୍ଟା ଆବଣ୍ଟନ କରି ଧାର୍ଯ୍ୟ ତାରିଖ ଠାରୁ ଯଥାକ୍ରମେ ଛଅ ମାସ ଏବଂ ତିନି ବର୍ଷ ମଧ୍ୟରେ ସିଭିଲ୍ ନିର୍ମାଣ ଏବଂ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିବାକୁ ସର୍ତ୍ତ ରଖିଥିଲା।

ଉକ୍ତ ନିୟମାବଳୀ ଅନୁଯାୟୀ, ବୋର୍ଡ ଶିଳ୍ପ କ୍ଷେତ୍ରରେ ଆବଣ୍ଟିତ ପ୍ଲଟ୍ ଶିଳ୍ପ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଛି କି ନାହିଁ ତାହା ଜାଣିବା ପାଇଁ ପ୍ରତ୍ୟେକ ଛଅ ମାସରେ ସମୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଯାହା ଦ୍ୱାରା କୌଣସି ଅବ୍ୟବହୃତ କ୍ଷେତ୍ର ଏହି ଅଧିନିୟମ ଅନୁଯାୟୀ ଅନ୍ୟ ଏକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ପାରିବ।

ଏହି ପରିପ୍ରେକ୍ଷୀରେ ବୋର୍ଡ (25 ସେପ୍ଟେମ୍ବର 2014) ଜମିର ଉପଯୋଗ ଏବଂ ଅନଧିକୃତ ବ୍ୟବହାର ଉପରେ କଡ଼ା ନଜର ରଖିବାକୁ ଇଡ୍‌କୋର ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲା। ଇଡ୍‌କୋର ପୂର୍ବ ସମ୍ମତି ବିନା ତୃତୀୟ ପକ୍ଷକୁ ଜମି ହସ୍ତାନ୍ତର ପାଇଁ ସାଧାରଣ ଶୁଳ୍କର ଦୁଇଗୁଣ ହାରରେ କିମ୍ବା ଜମି ହାରର ପାର୍ଥକ୍ୟ ମଧ୍ୟରୁ ଅଧିକକୁ ଦଣ୍ଡ ହିସାବରେ ଆଦାୟ କରିବାକୁ ନିଷ୍ପତ୍ତି ନେଇଥିଲା।

ତଥାପି, 2014-15 ରୁ 2018-19 ମଧ୍ୟରେ ବିଭାଗୀୟ ପରିଚାଳକ ମାନଙ୍କ ସେହିପରି କୌଣସି ପର୍ଯ୍ୟାଲୋଚନା କରାଯାଇ ପାରିନଥିଲା। ଫଳସ୍ୱରୂପ, ଆବଣ୍ଟିତ ଜମିର ବ୍ୟବହାର ସମ୍ପର୍କରେ ବୋର୍ଡକୁ ମଧ ସୂଚନା ଦିଆଯାଇ ନଥିଲା। ଏହା କେବଳ 2019-10 ରେ, ଯେତେବେଳେ ଇଡ୍‌କୋ ପ୍ରକୃତ ଯାଞ୍ଚ କରି ଏହା ପ୍ରକାଶ ପାଇଲା ଯେ 1,267 ଶିଳ୍ପସଂସ୍ଥା ମାନଙ୍କୁ ଦିଆଯାଇଥିବା 1,128.99 ଏକର ଜମି ବ୍ୟବହାର ହୋଇ ନଥିଲା କାରଣ ଶିଳ୍ପସଂସ୍ଥା ଗୁଡିକ ବନ୍ଦ ହୋଇଯାଇଥିଲା କିମ୍ବା କାମ କରୁନଥିଲା।

ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ ତ୍ରୁଟିଗୁଡିକ ସମୀକ୍ଷାରେ ନଜରକୁ ଆସିଥିଲା:

- ଯେହେତୁ ଇଡ୍‌କୋ ପର୍ଯ୍ୟାୟକ୍ରମେ ଯାଞ୍ଚ କରିନଥିଲା ଏହାର ଅବଧି ନିର୍ଣ୍ଣୟ କରିବା ପାଇଁ ଏହାର କୌଣସି ଆଧାର ନଥିଲା ଯାହା ଯେଉଁ ସମୟ ପାଇଁ ଏହିପରି ଜମି ପାର୍ସଲ ଗୁଡିକ ଅବ୍ୟବହୃତ ରଖାଯାଇଥିଲା କିମ୍ବା ଅନଧିକୃତ ବ୍ୟବହାର କରାଯାଇଥିଲା, ତାହା ଜଣା ପଡିବାର ଥିଲା। ପ୍ରଚଳିତ ଜମି ମୂଲ୍ୟକୁ ହିସାବକୁ ନେଇ, 47 ଶିଳ୍ପାନୁଷ୍ଠାନ/ ଶିଳ୍ପ ମାହଲରେ ଅବ୍ୟବହୃତ ଜମିର 1,128.99 ଏକର ଜମିର ମୂଲ୍ୟ 517.32 କୋଟି ଟଙ୍କା ଥିଲା।

- ଜମି ବ୍ୟବହାର ସ୍ଥିତିର ଏପରି ଅଣ-ସମୀକ୍ଷା ଯୋଗୁ ମାର୍ଚ୍ଚ 2019 ସୁଦ୍ଧା 319 ଆବଣ୍ଟନରୁ 2.65 କୋଟି ଟଙ୍କା ମୂଲ୍ୟର ଭିତ୍ତିଭୂମି ରକ୍ଷଣାବେକ୍ଷଣ (ଆଇଏମ୍‌ସି) ପାଇଁ ଆଦାୟ ହୋଇପାରି ନଥିଲା। ମଇ 2019 ରୁ ସେପ୍ଟେମ୍ବର 2019 ମଧ୍ୟରେ କରାଯାଇଥିବା ବାସ୍ତବିକ ଯାଞ୍ଚ ରିପୋର୍ଟରୁ ଜଣାଗଲା ଯେ, 319 ଶିଳ୍ପସଂସ୍ଥା

ମାନଙ୍କ ମଧ୍ୟରୁ 98 ଟି କାମକରୁ ନଥିଲା କିମ୍ବା ବନ୍ଦ ହୋଇଯାଇଥିଲା ଯାହାଙ୍କ ବିରୋଧରେ ଆଇଏମ୍‌ସି ମୂଲ୍ୟ 1.72 କୋଟି ଟଙ୍କା ବକେୟା ଥିଲା।

- ମଞ୍ଚେଶ୍ୱର ଏବଂ ଚନ୍ଦକା ଶିଳ୍ପ କ୍ଷେତ୍ରର 10 ଟି ଶିଳ୍ପସଂସ୍ଥା ଯେଉଁମାନେ ଇଡ୍‌କୋର ପୂର୍ବ ସମ୍ମତି ବିନା ତୃତୀୟ ପକ୍ଷକୁ 11.84 ଏକର ଜମି ସବ୍‌ଲେଟ୍ କରିଥିଲେ ସେମାନଙ୍କ ଠାରୁ ଇଡ୍‌କୋ, ବୋର୍ଡର ନିଷ୍ପତ୍ତି (ସେପ୍ଟେମ୍ବର 2014) ଅନୁଯାୟୀ 17.14 କୋଟି ଟଙ୍କାର ଜୋରିମାନା ଆଦାୟ କରିବାରେ ବିଫଳ ହୋଇଥିଲା।

ତେଣୁ, ଅଧିନିୟମ ଅନୁଯାୟୀ ବଣ୍ଟିତ ଜମିର ଉପଯୋଗର ପର୍ଯ୍ୟାୟ ସମୀକ୍ଷା କରିବା ପାଇଁ ବିଭାଗୀୟ ପରିଚାଳକଙ୍କ ବିଫଳତା କେବଳ ଇଡ୍‌କୋର ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିନଥିଲା ବରଂ ଜମି ଏବଂ ଭିତ୍ତିଭୂମିର ଉତ୍ତମ ତଥା ସଠିକ୍ ଉପଯୋଗ ପାଇଁ ଯୋଜନା କରିବାର କ୍ଷମତାରୁ ବଞ୍ଚିତ କରିଥିଲା।

ଇଡ୍‌କୋ ଉତ୍ତର ଦେଇଥିଲା (ଅଗଷ୍ଟ 2020) ଯେ, ବିଭାଗୀୟ ମୁଖ୍ୟମାନେ ଜମି ବ୍ୟବହାର ନକରିବା/ ଅନଧିକୃତ ବ୍ୟବହାର କରିବା ଉପରେ କଡ଼ା ନଜର ରଖିଥିଲେ। ଏହି ବିଷୟରେ ପ୍ରସ୍ଥାନ ସମ୍ମିଳନୀରେ ରାଜ୍ୟ ସରକାର ପର୍ଯ୍ୟବେକ୍ଷଣଟିକୁ ଗ୍ରହଣ କରିବା ବେଳେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

## ଭାରତ ସରକାରଙ୍କ ଯୋଜନା ଅନ୍ତର୍ଗତ ଶିଳ୍ପ ପାର୍କର ବିକାଶ

**5.9** କ୍ରମାଗତ ଆଇପିଆର୍ ଗୁଡିକ ଜମି ଏବଂ ସହଯୋଗୀ ଭିତ୍ତିଭୂମିର ପର୍ଯ୍ୟାପ୍ତ ଯୋଗାଣ ମାଧ୍ୟମରେ ଉଭୟ ସାଧାରଣ ତଥା କ୍ଷେତ୍ର ନିର୍ଦ୍ଦିଷ୍ଟ ଶିଳ୍ପ ପାର୍କ ବିକାଶ ପାଇଁ ଇଡ୍‌କୋକୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଦେଇଛନ୍ତି । ଇଡ୍‌କୋ ଶିଳ୍ପ ପାର୍କର ବିକାଶ ପାଇଁ ନିଜେ କିମ୍ବା ଯୌଥ ଉଦ୍ୟୋଗ (ଜେଭି)/ବିଶେଷ ପ୍ରୟୋଜନ ମାଧ୍ୟମ ସଂସ୍ଥା (ଏସ୍‌ପିଭି) ଗଠନ କରି ଜିଓଆଇର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଥିଲା। ଇଡ୍‌କୋ ଦ୍ୱାରା ଦାଖଲ ହୋଇଥିବା ପ୍ରକଳ୍ପ ପ୍ରସ୍ତାବକୁ ଆଧାର କରି ଜିଓଆଇ ଯୋଜନା ଅଧିନରେ ଏହି ପ୍ରକଳ୍ପଗୁଡିକ ଅନୁମୋଦିତ ହୋଇଥିଲା। 2014-19 ମଧ୍ୟରେ ଇଡ୍‌କୋ ଜିଓଆଇ ଦ୍ୱାରା ଅନୁମୋଦିତ ପାଞ୍ଚଟି ପ୍ରକଳ୍ପର ବିକାଶ ପ୍ରକ୍ରିୟାରେ ଥିଲା। ଏହିପରି ପାଞ୍ଚଟି ପ୍ରକଳ୍ପର ବିଶ୍ଳେଷଣ ଯାହା ବିକାଶର ବିଭିନ୍ନ ପର୍ଯ୍ୟାୟରେ ଥିଲା ତାହା ନିମ୍ନଲିଖିତ ଗୁଡିକରେ ପ୍ରକାଶ କରାଗଲା:

### *ଅନୁଗୁଳରେ ଆଲୁମିନିୟମ୍ ପାର୍କର ବିକାଶ*

**5.9.1** ଭାରତ ସରକାର 454 ଏକର ଜମିରେ 184.69 କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଅନୁଗୁଳ ଅଲୁମିନିୟମ୍ ପାର୍କର ବିକାଶ ପାଇଁ ଏକ ପ୍ରକଳ୍ପ ଅନୁମୋଦନ (ମାର୍ଚ୍ଚ 2015) କରିଥିଲେ। ସଂଶୋଧିତ ଔଦ୍ୟୋଗିକ ଭିତ୍ତିଭୂମି ଉନ୍ନତିକରଣ ଯୋଜନା (ଏମ୍‌ଆଇଆଇୟୁଏସ୍) ଅଧିନରେ ଏହି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଥିଲା ଯେଉଁଥିରେ ଜିଓଆଇର ଅବଦାନ 50 ପ୍ରତିଶତ ସହିତ 50 କୋଟିରେ ସୀମିତ ଥିଲା। ପ୍ରକଳ୍ପର ମୂଲ୍ୟକୁ ଅଗଷ୍ଟ 2015 ରେ 99.60 କୋଟି ଟଙ୍କାକୁ ସଂଶୋଧନ କରାଯାଇଥିଲା ଯାହା ପ୍ରଥମ ପର୍ଯ୍ୟାୟରେ 223 ଏକର ଜମିରେ ଦୁଇ ବର୍ଷରେ ବିକଶିତ ହେବାର ଥିଲା। ପ୍ରକଳ୍ପ ମୂଲ୍ୟରେ ମୁଖ୍ୟତଃ ଇଡ୍‌କୋ ଦ୍ୱାରା ଅଧିଗ୍ରହଣ ହୋଇଥିବା ଜମିର ଭିତ୍ତିଭୂମି ବିକାଶ ଅନ୍ତର୍ଭୁକ୍ତ ଥିଲା। ନାଲ୍ କୋ[68] ରୁ ତରଳ ଧାତୁ ଯୋଗାଣ ଦ୍ୱାରା ପ୍ରକଳ୍ପ ଅଞ୍ଚଳରେ ଡାଉନସ୍ଟ୍ରିମ୍ ଆଲୁମିନିୟମ୍ ଶିଳ୍ପଗୁଡିକର ବିକାଶ ପାଇଁ ଏହି ପ୍ରକଳ୍ପ ଅନୁମୋଦନ କରାଯାଇଥିଲା। ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଇଡ୍‌କୋ ଜୁଲାଇ 2010 ରେ ନାଲକୋ ସହିତ ଏକ ଜେଭି[69] କମ୍ପାନୀ ଗଠନ କରିଥିଲା। ମାର୍ଚ୍ଚ 2019 ସୁଦ୍ଧା, ଜେଭି କମ୍ପାନୀ ।ନୁଦାନ ବାବଦରେ 42.07 କୋଟି ଟଙ୍କା (ଜିଓଓ-32.04 କୋଟି ଟଙ୍କା ଏବଂ ଜିଓଆଇ-10.03 କୋଟି ଟଙ୍କା) ଏବଂ ଅଂଶଧନ ବାବଦରେ 33.11 କୋଟି ଟଙ୍କା (ଇଡ୍‌କୋ– 16.89 କୋଟି ଟଙ୍କା ଏବଂ ନାଲ୍‌କୋ – 16.22 କୋଟି ଟଙ୍କା) ଗ୍ରହଣ କରିଥିଲା। ଏହି ପରିପ୍ରେକ୍ଷୀରେ ସମୀକ୍ଷାରେ ଦେଖାଗଲା ଯେ:

- ଜେଭି କମ୍ପାନୀ ଦ୍ୱାରା ଏକ ପ୍ରଦେଶ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ହେବା ପୂର୍ବରୁ ନାଲ୍ କୋ ଦ୍ୱାରା ବନ୍ଦ କରାଯାଇଥିଲା କାରଣ ଏହା ଆଂଶିକ ଭାବରେ ନାଲ୍ କୋର ଜମିରେ ନିର୍ମାଣ ପାଇଁ ଯୋଜନା ହୋଇଥିଲା।

68 ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍।

69 ଅନୁଗୁଳ ଆଲୁମିନିୟମ୍ ପାର୍କ ଲିମିଟେଡ୍।

ଏହା ଦ୍ୱାରା ପ୍ରକଳ୍ପ ମୂଲ୍ୟରେ ବୃଦ୍ଧି ଘଟିଥିଲା ଯେହେତୁ ଏହାର ନିର୍ମାଣରେ 2.56 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା ।

- ଅନୁମୋଦନ ତାରିଖରୁ 51 ମାସ ବିତିଯାଇଥିଲେ ମଧ୍ୟ ଜେଭି କମ୍ପାନୀ ଯାହା ଅନୁମୋଦନ (ଅଗଷ୍ଟ 2015) ତାରିଖରୁ ଦୁଇ ବର୍ଷ ମଧ୍ୟରେ ପ୍ରକଳ୍ପଟିକୁ ବିକାଶ କରିବାର ଥିଲା, ତାହା ଆଭ୍ୟନ୍ତରୀଣ ସଡକ, ବାହ୍ୟ ପ୍ରବେଶ ରାସ୍ତା ଏବଂ ବୈଦ୍ୟୁତିକ ଭିତ୍ତିଭୂମି ନିର୍ମାଣ ପାଇଁ ମିଳିଥିବା ପାଣ୍ଠିରୁ କେବଳ 10.67 କୋଟି ଟଙ୍କା (ପ୍ରକଳ୍ପ ମୂଲ୍ୟର 10.71 ପ୍ରତିଶତ) ଖର୍ଚ୍ଚ କରିପାରିଥିଲା । ଏହା ମଧ୍ୟ ମୌଳିକ ଭିତ୍ତିଭୂମି ଯେପରି ପ୍ରବେଶ ରାସ୍ତା, ତରଳ ଧାତୁ ପରିବହନ ପାଇଁ ସଡକ, ଜଳ ଏବଂ ବିଦ୍ୟୁତ ଯୋଗାଣର ବିକାଶ କରିନଥିଲା । ଏହା ଦ୍ୱାରା ଆବଣ୍ଟନଗ୍ରାହୀଙ୍କ ଦ୍ୱାରା 44.13 କୋଟି ଟଙ୍କା ଦେୟ ପ୍ରଦାନ କରାଯାଇ ନଥିଲା, କାରଣ ସେମାନେ ସେମାନଙ୍କ ପ୍ରତିଷ୍ଠାନ ସ୍ଥାପନ ପାଇଁ ଭିତ୍ତିଭୂମି ସମ୍ପୂର୍ଣ୍ଣ ହେବା ପାଇଁ ଜିଦ୍ ଧରିଥିଲେ ।
- ଇଡ୍‌କୋ ତରଳ ଧାତୁର ଆବଶ୍ୟକ 3.29 ଲକ୍ଷ ଏମ୍‌ଟିପିଏର ଉପଲବ୍ଧତାକୁ ସୁନିଶ୍ଚିତ ନକରି ବିକାଶମୂଳକ କାର୍ଯ୍ୟକଳାପ ଆଗକୁ ବଢ଼ାଇଥିଲା ଯଦିଓ ନାଲ୍‌କୋ କେବଳ 0.50 ଲକ୍ଷ ଏମ୍‌ଟିପିଏ ଯୋଗାଣ ପାଇଁ ପ୍ରତିଶ୍ରୁତି ଦେଇଥିଲା ।
- କାର୍ଯ୍ୟର ନିରାଶଜନକ ଅଗ୍ରଗତିକୁ ଦୃଷ୍ଟିରେ ରଖି ଭାରତ ସରକାର ପ୍ରକଳ୍ପ ବନ୍ଦ କରିବା ପାଇଁ ନିଷ୍ପତ୍ତି (ଜୁନ୍ 2018) ନେଇଥିଲେ ଏବଂ ଜିଓଆଇକୁ ସୁଧ ସହିତ 9.88 କୋଟି ଟଙ୍କା ଫେରସ୍ତ କରିବାକୁ ଇଡ୍‌କୋକୁ ନିର୍ଦ୍ଦେଶ (ନଭେମ୍ବର 2018) ଦେଇଥିଲେ । ଇଡ୍‌କୋ ଉପରୋକ୍ତ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଜିଓଆଇକୁ ଅନୁରୋଧ (ଜାନୁଆରୀ 2020) କଲେ ଯେଉଁଠାରେ ଜିଓଆଇ ପ୍ରକଳ୍ପ ସମାପ୍ତ ପାଇଁ ଜୁଲାଇ 2020 ର ସମୟସୀମା ସ୍ଥିର କରିଥିଲେ । ସମୀକ୍ଷାରେ ଦେଖାଗଲା ଯେ, ଡିସେମ୍ବର 2020 ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସମାପ୍ତ କରିବା ପାଇଁ ଇଡ୍‌କୋ ଏହାର ଆଭ୍ୟନ୍ତରୀଣ ଲକ୍ଷ୍ୟ ସ୍ଥିର କରିଥିଲା ।

ଉପରୋକ୍ତ ତଥ୍ୟ ସହିତ ଉପଲବ୍ଧ ପାଣ୍ଠିର କେବଳ 14 ପ୍ରତିଶତ ଉପଯୋଗ ହୋଇଥିବାରୁ ଏହା ଇଡ୍‌କୋ ଦ୍ୱାରା ପ୍ରକଳ୍ପର ଉତ୍ତମ କାର୍ଯ୍ୟାନ୍ୱୟନ ପାଇଁ ପ୍ରକଳ୍ପ ଯୋଜନାର ଅଭାବକୁ ଦର୍ଶାଇଥିଲା ଯେଉଁଥିରେ ପ୍ରୋତ୍ସାହିତ ଶିଳ୍ପରେ 2,500 ପ୍ରତ୍ୟକ୍ଷ ନିଯୁକ୍ତି ଏବଂ 5,000 ପରୋକ୍ଷ ନିଯୁକ୍ତିର ଯୋଜନା କରାଯାଇଥିଲା ।

ପ୍ରସ୍ଥାନ ସମ୍ମିଳନୀ ସମୟରେ ଅପାରଗ ଏବଂ ପ୍ରଭାବହୀନ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଉପରୋକ୍ତ ପର୍ଯ୍ୟବେକ୍ଷଣ ଗୁଡିକ ଗ୍ରହଣ କରିବା ବେଳେ ଜିଓଓ କହିଛନ୍ତି ଯେ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଇଡ୍‌କୋ ଦ୍ୱାରା ଆବଶ୍ୟକ ପଦକ୍ଷେପ ନିଆଯିବ ।

### *ଡେରାସ ଠାରେ ସାମୁଦ୍ରିକ ଫୁଡ୍‌ପାର୍କର ବିକାଶ*

**5.9.2** ମେଗା ଫୁଡ୍‌ପାର୍କ ଯୋଜନା ଅନ୍ତର୍ଗତ ଡେରାସ୍ ଠାରେ ଏକ ସାମୁଦ୍ରିକ ଫୁଡ୍‌ପାର୍କ ପ୍ରତିଷ୍ଠା ପାଇଁ ଭାରତ ସରକାର ଅନୁମୋଦନ (ନଭେମ୍ବର 2015) କରିଥିଲେ । ମଞ୍ଜୁର/ଅନୁମୋଦନ ତାରିଖ ଠାରୁ 30 ମାସ ମଧ୍ୟରେ ମୋଟ୍ 125.42 କୋଟି ଟଙ୍କା ମୂଲ୍ୟରେ 152.78 ଏକର ଜମିରେ ଏହି ପ୍ରକଳ୍ପର ବିକାଶ କରିବାର ଥିଲା । ଏହି ପ୍ରକଳ୍ପ ଅଧୀନରେ ଡେରାସ ଠାରେ ଗୋଟିଏ କେନ୍ଦ୍ରୀୟ ପ୍ରକ୍ରିୟାକରଣ କେନ୍ଦ୍ର (ସିପିସି) ଏବଂ ବାଲେଶ୍ୱର, ଜଗତସିଂହପୁର ଏବଂ ଗଞ୍ଜାମରେ ତିନୋଟି ପ୍ରାଥମିକ ପ୍ରକ୍ରିୟାକରଣ କେନ୍ଦ୍ର (ପିପିସି) ନିର୍ମାଣ ପାଇଁ ଯୋଜନା କରାଯାଇଥିଲା ।

ଅକ୍ଟୋବର 2019 ସୁଦ୍ଧା, ଇଡ୍‌କୋ ଜିଓଆଇ ଠାରୁ କେନ୍ଦ୍ରୀୟ ଅନୁଦାନ ଭାବରେ 37.79 କୋଟି ଟଙ୍କା, 24 କୋଟି ଟଙ୍କାର ମିଆଦୀ ଋଣ ଏବଂ ପ୍ରୋତ୍ସାହକଙ୍କ ଅବଦାନ ଭାବରେ 45.42 କୋଟି ଟଙ୍କା ଗ୍ରହଣ କରିଥିଲା । ଏଥି ମଧ୍ୟରୁ ଇଡ୍‌କୋ ଜମିର ମୂଲ୍ୟ ସହିତ ପ୍ରକଳ୍ପର ବିକାଶ ପାଇଁ 105.30 କୋଟି ଟଙ୍କା ଖର୍ଚ୍ଚ କରିଥିଲା । ଏହି ପରିପ୍ରେକ୍ଷୀରେ, ସମୀକ୍ଷାରେ ନିମ୍ନଲିଖିତ ଗୁଡିକ ଦେଖାଗଲା:

- ସିପିସି ଏବଂ ପିପିସି ନିର୍ମାଣ କାର୍ଯ୍ୟ ଜାରି ରହିଥିଲା । ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ, ପ୍ରକଳ୍ପର ସମାପ୍ତି ହେଉଛି ସିପିସି ଏବଂ ପିପିସି ଗୁଡିକର କାର୍ଯ୍ୟକ୍ଷମତା, ମୋଟ୍ ଲିଜ୍ ହୋଇପାରୁଥିବା କ୍ଷେତ୍ରର ଅତିକମ୍‌ରେ 75 ପ୍ରତିଶତ ବଣ୍ଟନ ଏବଂ ଅତିକମ୍‌ରେ 25 ପ୍ରତିଶତ ପ୍ରତିଷ୍ଠାନ କାର୍ଯ୍ୟ ଆରମ୍ଭ କରିବା । ତେବେ ଦେଖାଗଲା ଯେ

ଧାର୍ଯ୍ୟ କାର୍ଯ୍ୟ ଶେଷ ହେବାର 19 ମାସ ପରେ ମଧ 19.42 ପ୍ରତିଶତ (88.78 ଏକର ଜମିମଧ୍ୟରୁ 17.24 ଏକର ବଣ୍ଟନ ପାଇଁ ଉଦ୍ଦିଷ୍ଟ) ଜମି ପାଞ୍ଚଟି ଶିଳ୍ପକୁ ବଣ୍ଟନ କରାଯାଇଥିଲା। ବଣ୍ଟନଗ୍ରାହୀ ମାନେ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିପାରିନଥିଲେ କାରଣ ମୌଳିକ ଭିତ୍ତିଭୂମି ଯଥା ଉପଯୁକ୍ତ ପ୍ରବେଶ ପଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିଲା। ପ୍ରତିଷ୍ଠାନ ଗୁଡିକ ଦେଖିରେ (ଫେବୃୟାରୀ 2018) ଯେ, ବିଦ୍ୟମାନ ରାସ୍ତା ଗୁଡିକୁ ପ୍ରଶସ୍ତ କରାଯାଇଥିଲେ ମଧ ସେମାନଙ୍କର ଶିତଳୀକୃତ ପାତ୍ର ଗୁଡିକର ନିୟଜିତ ଚଳିବା ପାଇଁ ତାହା ପର୍ଯ୍ୟାପ୍ତ ନଥିଲା।

- ଅଣ-ପୌରପାଳିକା ଅଞ୍ଚଳରେ ଏହି ପ୍ରକଳ୍ପ ପାଇଁ ଇଡ୍‌କୋ 199.66 ଏକର ସରକାରୀ ଜମି ଅଧିଗ୍ରହଣ କରିଥିଲା କିନ୍ତୁ ପୌରପାଳିକା ପାଇଁ ପ୍ରଯୁଜ୍ୟ ଦରରେ ଜମିର ଦେୟ ପ୍ରଦାନ କରିଥିଲା ଯାହା ଅଧିକା ଥିଲା। ଏହା ଦ୍ୱାରା 6.09 କୋଟି ଟଙ୍କାର ଅଧିକ ଦେୟ ଦେଇଥିଲା। ଅଧିକନ୍ତୁ, 41.10 ଏକର ଜମି ଉଦ୍ୟାନ କୃଷି ବିଭାଗ ଦ୍ୱାରା ଜବରଦଖଲ ହୋଇଥିଲା, ଯାହାର ମୂଲ୍ୟ ଜମିର ଦରରେ ଅନ୍ତର୍ଭୁକ୍ତ ଥିଲା। ଏହା ଦ୍ୱାରା ଏକର ପିଛା ଜମିର ମୂଲ୍ୟରେ 0.13 କୋଟି ଟଙ୍କା ବୃଦ୍ଧି ପାଇଥିଲା ଯାହାକି ପ୍ରକଳ୍ପ ଅଞ୍ଚଳରେ ଜମି ଆବଣ୍ଟନ ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା।
- ଡେରାସ୍ ପ୍ରକଳ୍ପ ପାଇଁ ମିଆଦୀ ଋଣ ପାଇବା ପାଇଁ ଇଡ୍‌କୋ ବ୍ୟାଙ୍କଗୁଡିକ ଠାରୁ ପ୍ରସ୍ତାବ ଚିଠି ଆହ୍ୱାନ କରିଥିଲା। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ଆହ୍ଲାବାଦ ବ୍ୟାଙ୍କ ଯଥାକ୍ରମେ 6.60 ପ୍ରତିଶତ ଏବଂ 9.70 ପ୍ରତିଶତ ହାରରେ ଋଣ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ। ଇଡ୍‌କୋ ଅଧିକ ସୁଧ ହାରରେ ଆହ୍ଲାବାଦ ବ୍ୟାଙ୍କରୁ ମିଆଦୀ ଋଣ ପ୍ରାପ୍ତ କରିଥିଲା। ଏହା ଦ୍ୱାରା ବାର୍ଷିକ 0.74 କୋଟିର ଅତିରିକ୍ତ ସୁଧ ପ୍ରଦାନ କରାଯାଇଥିଲା, ଯାହା ଦ୍ୱାରା ଜମି ମୂଲ୍ୟ ଆହୁରି ବୃଦ୍ଧି ପାଇଥିଲା।

ପ୍ରସ୍ଥାନ ସମ୍ମିଳନୀରେ ଉପରୋକ୍ତ ପର୍ଯ୍ୟବେକ୍ଷଣ ଗୁଡିକୁ ଗ୍ରହଣ କରିବା ବେଳେ, ଜିଓଓ କହିଛନ୍ତି ଯେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଇଡ୍‌କୋ ଦ୍ୱାରା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### *ପାରାଦୀପ ଠାରେ ପ୍ଲାଷ୍ଟିକ୍ ପାର୍କର ବିକାଶ*

**5.9.3** ଜିଓଆଇର ପ୍ଲାଷ୍ଟିକ ପାର୍କ ଯୋଜନା ଅନୁଯାୟୀ ପାରାଦୀପ ଠାରେ ଏକ ପ୍ଲାଷ୍ଟିକ ପାର୍କର ବିକାଶ ପାଇଁ ଇଡ୍‌କୋ ଜୁନ୍ 2013 ରେ ଏକ ଏସ୍‌ପିଭି ଅର୍ଥାତ୍ ପାରାଦୀପ ପ୍ଲାଷ୍ଟିକ ପାର୍କ ଲିମିଟେଡ୍ (ପିପିପିଏଲ୍)ର ପଞ୍ଜିକରଣ କରିଥିଲା। ଏହି ପ୍ରକଳ୍ପ 120 ଏକର ଜମିରେ 106.78 କୋଟି ଟଙ୍କା ବ୍ୟୟ ଅଟକଳ ସହିତ ତିନି ବର୍ଷର ନିର୍ଦ୍ଧାରିତ ସମୟସୀମାରେ ଶେଷ ହେବା ପାଇଁ ଜିଓଆଇ ଦ୍ୱାରା ଅନୁମୋଦିତ (ଅକ୍ଟୋବର 2013) ହୋଇଥିଲା। ଇଡ୍‌କୋ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ତୁରନ୍ତ ବିନା ବାଧାରେ ଉପଲବ୍ଧ ଥିବା ଦର୍ଶାଇ ପ୍ରକଳ୍ପ ପାଇଁ ଅନୁମୋଦନ ଲାଭ କଲା। ଡିସେମ୍ବର 2013 ରୁ ଅକ୍ଟୋବର 2019 ମଧ୍ୟରେ, କେନ୍ଦ୍ରୀୟ ଅନୁଦାନ ଭାବରେ ଜିଓଆଇ ଠାରୁ 31.84 କୋଟି ଟଙ୍କା ଏବଂ ଅଂଶଧନ ବାବଦରେ ଇଡ୍‌କୋ ଠାରୁ 29.31 କୋଟି ଟଙ୍କା ପାଇଥିଲା। ଏହି ପ୍ରକଳ୍ପକୁ କାର୍ଯ୍ୟକାରି କରିବା ପାଇଁ ଜିଓଓ 19.99 କୋଟି ଟଙ୍କାର ଅନୁଦାନ ପ୍ରଦାନ (ଫେବୃୟାରୀ/ ଜୁନ୍ 2018) କରିଥିଲା। ଜିଓଓର ଆଇଆଇଡିଏଫ୍ (ଔଦ୍ୟୋଗିକ ଭିତ୍ତିଭୂମି ବିକାଶ ପାଣ୍ଠି) ଯୋଜନା ଅଧୀନରେ ପ୍ରବେଶ ପଥ ନିର୍ମାଣ ପାଇଁ ଇଡ୍‌କୋ ଅତିରିକ୍ତ 24.12 କୋଟି ଟଙ୍କା ପାଇଥିଲା (ମାର୍ଚ୍ଚ 2018)। ଡିସେମ୍ବର 2019 ସୁଦ୍ଧା 98.85 କୋଟି ଟଙ୍କା ଏହି ପ୍ରକଳ୍ପର ବିକାଶରେ ଖର୍ଚ୍ଚ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସମୀକ୍ଷାରେ ଦେଖାଗଲା ଯେ:

- ଜମି ମାଲିକଙ୍କ ଦାବିକୁ ସମାଧାନ କରିବାରେ ବାଧା ସୃଷ୍ଟି ହେବା ଯୋଗୁ, ଇଡ୍‌କୋ ପ୍ରକଳ୍ପର ଆଭ୍ୟନ୍ତରୀଣ ଭିତ୍ତିଭୂମିର ବିକାଶ କାର୍ଯ୍ୟକୁ 30 ମାସରୁ ଅଧିକ ବିଳମ୍ବ ପରେ ଅପ୍ରେଲ 2016 ରେ ପ୍ରଦାନ କରିଥିଲା। ଜୁଲାଇ 2013 ରେ ଜିଓଆଇକୁ ଜଣାଯାଇଥିବା ତଥ୍ୟର ଏହା ବିପରୀତ ଥିଲା ଯେ ତୁରନ୍ତ ଜମି ଉପଲବ୍ଧ ହେବ। ପରାମର୍ଶଦାତାଙ୍କ ଦ୍ୱାରା ନକ୍ସା ଏବଂ ଢ଼ାଞ୍ଚା ପ୍ରଦାନରେ ବିଳମ୍ବ, ଜମି ଯୋଗାଣ ଏବଂ ଜଳ ନିଷ୍କାସନ ଲାଇନର ନିର୍ମାଣରେ ବିଳମ୍ବ, ଜଳ ଜମୁଥିବା ନିମ୍ନ ଜମି ଇତ୍ୟାଦି ଯୋଗୁ ଏହି କାର୍ଯ୍ୟ ଆହୁରି ଅଧିକ ବିଳମ୍ବ ହୋଇଥିଲା। ପ୍ରବେଶ ରାସ୍ତା, ବିଦ୍ୟୁତ୍ ଏବଂ ଜଳ ଯୋଗାଣ ପରେ ମୌଳିକ ଭିତ୍ତିଭୂମିର ପ୍ରଦାନରେ ଇଡ୍‌କୋ ବିଫଳ ହେବାରୁ ଏହି ପ୍ରକଳ୍ପର ଗୋଟିଏ ଶିଳ୍ପକୁ କେବଳ 2.08 ଏକର ଆବଣ୍ଟନ କରିପାରିଥିଲା।

- ପ୍ରକଳ୍ପ ସ୍ଥାନରେ ବାହ୍ୟ ପ୍ରବେଶ ପଥ ଜିଓଓର ଆଇଆଇଡିଏଫ୍ ପାଣ୍ଠିରୁ ହୋଇଥିଲା। କିନ୍ତୁ ସେଥିପାଇଁ ଖର୍ଚ୍ଚ ହୋଇଥିବା 2.04 କୋଟି ଟଙ୍କା 120 ଏକର ଜମିର ମୂଲ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲା, ଯାହା ଦ୍ୱାରା ପ୍ରକଳ୍ପର ଏକର ପ୍ରତି ଜମି ମୂଲ୍ୟରେ ବୃଦ୍ଧି ପାଇଥିଲା।

- ଇଡ୍‌କୋ 7.62 କୋଟି ଟଙ୍କା ଅବଦାନ ସହିତ ଏହି ପ୍ରକଳ୍ପ ପାଇଁ ଅଂଶଧନ ବାବଦରେ ଅବଦାନ ଏସ୍‌ପିଭି ସଦସ୍ୟମାନଙ୍କ ଦ୍ୱାରା କରାଯିବାର ଥିଲା। କିନ୍ତୁ ପ୍ରକଳ୍ପ ଆରମ୍ଭ କରିବାରେ ବିଳମ୍ବ ହେତୁ ଇଡ୍‌କୋ ପାର୍କ ପାଇଁ ଆବଶ୍ୟକ ସଂଖ୍ୟକ ଶିଳ୍ପକୁ ଆକର୍ଷିତ କରିପାରି ନଥିଲା। ତେଣୁ ମୁଖ୍ୟ ପ୍ରୋତ୍ସାହକ ଭାବରେ ଯୋଜନା ସର୍ତ୍ତାବଳୀ ଏବଂ ପ୍ରତିବଦ୍ଧତା ଅନୁଯାୟୀ, ଇଡ୍‌କୋକୁ ଏସ୍‌ପିଭି ସଦସ୍ୟମାନଙ୍କ ତରଫରୁ 21.69 କୋଟି ଟଙ୍କାର ଅତିରିକ୍ତ ଅଂଶଧନ ଯୋଗଦାନ କରିବାକୁ ପଡିଥିଲା।

ତଥ୍ୟ ଗୁଡିକ ଗ୍ରହଣ କରିବା ବେଳେ, ଇଡ୍‌କୋ ଦର୍ଶାଇଲା (ଅଗଷ୍ଟ 2020) ଯେ ଜିଓଓ ଏବଂ ଆଇଓସିଏଲ୍ ଠାରୁ ଅନୁଦାନ ପାଇଁ ସହମତି ପତ୍ରଗୁଡିକ ଗ୍ରହଣ ହୋଇସାରିଛି ଏବଂ ଆଶାୟୀ ଉଦ୍ୟୋଗପତି ଠାରୁ ସେମାନଙ୍କ ଉତ୍ପାଦନ ଆରମ୍ଭ ହେବା ସମୟରେ ଅବଦାନ ଅଣାଯିବ। ଆହୁରି ମଧ ପ୍ରସ୍ଥାନ ସମ୍ମିଳନୀରେ ଜିଓଓ କହିଲେ ଯେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଇଡ୍‌କୋ ଦ୍ୱାରା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### *ପାରାଦୀପ ଠାରେ ପିସିପିଆଇଆରର ବିକାଶ*

**5.9.4** ପାରାଦୀପ ଠାରେ ପେଟ୍ରୋଲିୟମ, ରାସାୟନିକ ଏବଂ ପେଟ୍ରୋକେମିକାଲ୍ ନିବେଶ ଅଞ୍ଚଳ (ପିସିପିଆଇଆର) ପ୍ରତିଷ୍ଠା ପାଇଁ ଏହି ଯୋଜନାକୁ ଭାରତ ସରକାର ସୂଚିତ (ଡିସେମ୍ବର 2010) କରିଥିଲେ। ଏହି ପ୍ରକଳ୍ପ ପାଇଁ ଧାର୍ଯ୍ୟ ହୋଇଥିବା ମୋଟ୍ ନିବେଶ ହେଉଛି 2,77,734 କୋଟି ଟଙ୍କା ଯାହା ଦୁଇଟି ପର୍ଯ୍ୟାୟରେ ବିକଶିତ ହେବାର ଥିଲା। ପିସିପିଆଇଆରର ପ୍ରଥମ ପର୍ଯ୍ୟାୟ ପାଇଁ ମୋଟ୍ 22,232 ଏକର ଜମିର ଆବଶ୍ୟକ ଥିଲା ଯେଉଁଥିରୁ 13,572 ଏକର ଜମି ବିଦ୍ୟମାନ ଶିଳ୍ପଗୁଡିକ ଅଧିନରେ ଥିଲା। ପ୍ରକଳ୍ପ ପ୍ରସ୍ତାବ ଅନୁଯାୟୀ ଅବଶିଷ୍ଟ 8,660 ଏକର ଜମିକୁ ଇଡ୍‌କୋ ଦ୍ୱାରା 2010-20 ମଧ୍ୟରେ ଅଧିଗ୍ରହଣ କରିବାର ଥିଲା। ସମୀକ୍ଷାରେ ଦେଖାଗଲା ଯେ:

- ନଭେମ୍ବର 2019 ସୁଦ୍ଧା, ଇଡ୍‌କୋ ନିଜ ପାଣ୍ଠିରୁ 181.89 କୋଟି ଟଙ୍କା ଖର୍ଚ୍ଚ କରି ଏହି ପ୍ରକଳ୍ପ ପାଇଁ ମାତ୍ର 1,277.88 ଏକର ଜମି ଅଧିଗ୍ରହଣ କରିଥିଲା। ପ୍ରକଳ୍ପ ବିକାଶ ଏବଂ ବିଭିନ୍ନ ବୃତ୍ତିଗତ ଅଧ୍ୟୟନ[70] ପାଇଁ ଇଡ୍‌କୋ ଅତିରିକ୍ତ 16.52 କୋଟି ଟଙ୍କା ମଧ ଖର୍ଚ୍ଚ କରିଥିଲା। ଇଡ୍‌କୋ, ତଥାପି, ବିଜ୍ଞପ୍ତିରୁ ନଅ ବର୍ଷ ବିଳମ୍ବ ପରେ ମଧ ଏହି ଯୋଜନାରେ ସଂଲଗ୍ନ ହୋଇଥିବା ନୀତି ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରକଳ୍ପ ପାଇଁ ଜମିର ବ୍ୟବହାର ନିର୍ଦ୍ଦିଷ୍ଟ କରୁଥିବା ମୁଖ୍ୟ ଯୋଜନା ଚୂଡାନ୍ତ କରିପାରିନଥିଲା। ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଏହିପରି ଅସ୍ୱାଭାବିକ ବିଳମ୍ବ ଶିଳ୍ପ ପ୍ରୋତ୍ସାହନ ପାଇଁ ଇଡ୍‌କୋକୁ ଦିଆଯାଇଥିବା ସୌଗମ୍ୟ ଭୂମିକାର ବିପରୀତ ଥିଲା।

- ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପାଇଁ ଇଡ୍ କୋକୁ 200 କୋଟି ଟଙ୍କା ପ୍ରଦାନ କରିବାକୁ ଓଡ଼ିଶା ସରକାର ପ୍ରତିଶ୍ରୁତି ଦେଇଥିଲେ। ତଥାପି, ଇଡ୍‌କୋ ଦ୍ୱାରା ଖର୍ଚ୍ଚ କରାଯାଇଥିବା 181.89 କୋଟି ଟଙ୍କାକୁ ଜିଓଓ ଦ୍ୱାରା ଭରଣ କରାଯାଇନାହିଁ। ଫେବୃଆରୀ 2011 ପରେ ଇଡ୍‌କୋ ମଧ ଅର୍ଥ ପାଇଁ ଜିଓଓକୁ ନିବେଦନ କରିନଥିଲା।

ପ୍ରସ୍ଥାନ ସମ୍ମିଳନୀରେ ଉପରୋକ୍ତ ପର୍ଯ୍ୟବେକ୍ଷଣ ଗୁଡିକ ସ୍ୱୀକାର କରିବା ବେଳେ, ଜିଓଓ କହିଥିଲେ ଯେ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ପାଇଁ ଇଡ୍‌କୋ ଦ୍ୱାରା ଆବଶ୍ୟକ ପଦକ୍ଷେପ ନିଆଯିବ।

### *ଇଏମ୍‌ସି ପାର୍କର ବିକାଶ*

**5.9.5** ଭାରତ ସରକାର 203.37 ଏକର ଜମିରେ 200.75 କୋଟି ଟଙ୍କା ବ୍ୟୟରେ (93.09 କୋଟି ଟଙ୍କା ଜିଓଆଇ ଅନୁଦାନ ସହିତ) ଏକ ଇଲେକ୍ଟ୍ରୋନିକ୍ ଉତ୍ପାଦନ କ୍ଲଷ୍ଟର (ଇଏମ୍‌ସି) ପ୍ରତିଷ୍ଠାକୁ 19 ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଅନୁମୋଦନ (ସେପ୍ଟେମ୍ବର 2016) କରିଥିଲେ। ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଇଡ୍‌କୋ

---

70 ପରିବେଶ ପ୍ରଭାବ ବିଶ୍ଳେଷଣ (ଇଆଇଏ), ପରିବେଶ ପରିଚାଳନା ଯୋଜନା (ଇଏମ୍‌ପି), ମୁଖ୍ୟ ଯୋଜନାର ପ୍ରସ୍ତୁତି ଏବଂ ଜଳ ଉପଲବ୍ଧତା ଅଧ୍ୟୟନ ରିପୋର୍ଟ।

ଡିସେମ୍ବର 2016 ରେ ଏକ ଏସ୍‌ପିଭି ଅର୍ଥାତ ଓଡ଼ିଶା ଇଲେକ୍ଟ୍ରୋନିକ୍ ପାର୍କ ଲିମିଟେଡ୍ (ଓଇପିଏଲ୍) ଗଠନ କରିଥିଲା । ଓଇପିଏଲ୍ ଜୁଲାଇ 2017 ରେ 18.62 କୋଟି ଟଙ୍କାର ଜିଓଆଇ ଅନୁଦାନ ଏବଂ ଏସ୍‌ପିଭି ସହଭାଗୀ ଭାବରେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ କେନ୍ଦ୍ରରୁ ଅପ୍ରେଲ 2017 ରେ 21.67 କୋଟି ଟଙ୍କା ପାଇଥିଲା । ଏହା ବ୍ୟତୀତ, ଇଡ୍‌କୋ ମଧ୍ୟ ପ୍ରୋତ୍ସାହକଙ୍କ ଅବଦାନ ଭାବରେ 5.24 କୋଟି ଟଙ୍କା ନିବେଶ (ଫେବୃୟାରୀ 2015) କରିଥିଲା ।

ସମୀକ୍ଷାରେ ଦେଖାଗଲା ଯେ, ସେପ୍ଟେମ୍ବର 2019 ସୁଦ୍ଧା ଇଡ୍‌କୋ ଦ୍ୱାରା ଏହି ପ୍ରକଳ୍ପ ପାଇଁ ଭିତ୍ତିଭୂମି ବିକାଶ ଦିଗରେ 21.58 କୋଟି ଟଙ୍କା (10.75 ପ୍ରତିଶତ) ଖର୍ଚ୍ଚ ହୋଇଥିଲା । ତଥାପି, ପ୍ରକଳ୍ପ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଯୋଗୁ ପ୍ରକଳ୍ପ କାର୍ଯ୍ୟ ଠିକ୍ ସମୟରେ ଆରମ୍ଭ ହୋଇପାରିଲା ନାହିଁ । ପ୍ରକଳ୍ପ କ୍ଷେତ୍ରରେ ଉପଲବ୍ଧ 115.82 ଏକର ଜମି ମଧ୍ୟରୁ କେବଳ 7 ଏକର ଦୁଇଟି ଶିଳ୍ପକୁ ଆବଣ୍ଟନ କରାଯାଇଥିଲା । ଫଳସ୍ୱରୂପ, ଆରମ୍ଭର 36 ମାସ ପରେ ମଧ୍ୟ ପ୍ରକଳ୍ପଟି ପ୍ରାରମ୍ଭିକ ପର୍ଯ୍ୟାୟରେ ଥିଲା ।

ପ୍ରସ୍ଥାନ ସମ୍ମିଳନୀରେ ଉପରୋକ୍ତ ନିରୀକ୍ଷଣକୁ ସ୍ୱୀକାର କରିଥିବା ବେଳେ ଜିଓଓ କହିଲେ ଯେ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା ପାଇଁ ଇଡ୍‌କୋ ଦ୍ୱାରା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଉପରୋକ୍ତ ତଥ୍ୟରୁ ଏହା ଦେଖାଗଲା ଯେ, ଜିଓଆଇ ପ୍ରକଳ୍ପ ସମାପ୍ତ ନହେବା ମୁଖ୍ୟତଃ ଇଡ୍‌କୋ ଦ୍ୱାରା ଅପାରଗ ଏବଂ ପ୍ରଭାବହୀନ ଉତ୍ସଗୁଡିକର ସଂଗ୍ରହ ଯଥା ଆବଶ୍ୟକୀୟ ଜମିର ଉପଲବ୍ଧତା, ଉପଲବ୍ଧ ଜମିରେ ଭିତ୍ତିଭୂମିର ଅଭାବ, ଆବଶ୍ୟକୀୟ କଞ୍ଚାମାଲର ସମ୍ଭାବ୍ୟ ଅଧ୍ୟୟନର ଅନୁପସ୍ଥିତି ଥିଲା । ଫଳସ୍ୱରୂପ, ଜିଓଆଇ ପ୍ରକଳ୍ପର ଏହିପରି ସମାପ୍ତ ନହେବା ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାନ ଏବଂ ନିଯୁକ୍ତି ସୃଷ୍ଟିରେ ବାଧା ସୃଷ୍ଟି କରିଥିଲା । ଯଦିଓ ବହୁ ସମୟ ବିତିଯାଇଥିଲା ଏବଂ ଅତ୍ୟଧିକ ପୁଞ୍ଜି ବ୍ୟବହାର ନହୋଇ ପଡିରହିଥିଲା । ଡିସେମ୍ବର 2019 ସୁଦ୍ଧା, ଇଡ୍‌କୋ ଦ୍ୱାରା ଏହି ଯୋଜନାରେ ଖର୍ଚ୍ଚ ହୋଇଥିବା 434.81 କୋଟି ଟଙ୍କା ପ୍ରକଳ୍ପର କାର୍ଯ୍ୟ ବିଳମ୍ବ ହେତୁ ଅବରୋଧ ହୋଇ ପଡିରହିଛି । ଆହୁରି ମଧ୍ୟ, ପ୍ରକଳ୍ପ ପାଇଁ ଅନୁଦାନ ବାବଦରେ ଇଡ୍‌କୋ ଦ୍ୱାରା ପ୍ରାପ୍ତ 174.43 କୋଟି ଟଙ୍କାର ଉପଯୋଗ ହୋଇପାରି ନଥିଲା ।

## ଉପଲବ୍ଧ କୋଠା ଭଡ଼ା ସୂତ୍ରରେ ଦେବା

**5.10** ଇଡ୍‌କୋ ଶିଳ୍ପ ଉଦ୍ଦେଶ୍ୟରେ ଭଡ଼ା ସୂତ୍ରରେ ଦେବା ପାଇଁ କାର୍ଯ୍ୟାଳୟ ତଥା ବ୍ୟବସାୟିକ ଭବନ (ବ୍ୟବସାୟିକ ଟାୱାର) ନିର୍ମାଣ କରିଥିଲା । ଇଡ୍‌କୋ ପ୍ରତି ବର୍ଗଫୁଟ୍ ହିସାବରେ ସ୍ଥିରିକୃତ ଦରରେ ଚୁକ୍ତି ସ୍ୱାକ୍ଷର ହେବା ପରେ ଭଡ଼ାଟିଆ ମାନଙ୍କୁ ସ୍ଥାନ ଭଡ଼ା ଦେଇଥିଲା ଏବଂ ପ୍ରକୃତ ହିସାବରେ ଭଡ଼ାଟିଆ ମାନଙ୍କଠାରୁ ଜଳ, ଶକ୍ତି ଚାର୍ଜ ଏବଂ ହୋଲଡିଂ ଟିକସ ଆଦାୟ କରିଥିଲା । ସମକ୍ଷାରେ ଏହା ଦେଖାଗଲା:

### *ବ୍ୟବସାୟିକ ଟାୱାରରେ ସ୍ଥାନ ଭଡ଼ା ସୂତ୍ରରେ ଆବଣ୍ଟନ*

**5.10.1** ଇଡ୍‌କୋର 4,98,686 ବର୍ଗଫୁଟ୍ ସହିତ ତିନୋଟି ବ୍ୟବସାୟିକ ଟାୱାର[71] ଥିଲା ଯାହା ମଧ୍ୟରୁ 95,934 ବର୍ଗଫୁଟ୍ (19.24 ପ୍ରତିଶତ) 6 ରୁ 75 ମାସ ପର୍ଯ୍ୟନ୍ତ ଖାଲି ପଡିଥିଲା (ଅଗଷ୍ଟ 2019) । ପରିସ୍ଥିତିର ସମୀକ୍ଷା କରିବା ଏବଂ ଖାଲି ସ୍ଥାନ ଉପଯୋଗ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଇଡ୍‌କୋର କୌଣସି ଉପଯୁକ୍ତ ପ୍ରକ୍ରିୟା ନଥିଲା । ଭଡ଼ା ଦିଆଯାଇଥିବା ସ୍ଥାନରୁ, ଇଡ୍‌କୋର ଭଡ଼ା, ଶକ୍ତି ଚାର୍ଜ ଏବଂ ଶୀତତାପ ନିୟନ୍ତ୍ରଣ ଚାର୍ଜ ଦିଗରେ 48 ଭଡ଼ାଟିଆଙ୍କ ଠାରୁ 11.08 କୋଟି ଟଙ୍କାର ବକେୟା ଦେୟ ଥିଲା । ସଠିକ୍ ନଥିପତ୍ରର ରକ୍ଷଣାବେକ୍ଷଣ ନହେବା କାରଣରୁ ଚୁକ୍ତିନାମା ଅନୁଯାୟୀ ଇଡ୍‌କୋ ବିଳମ୍ବିତ ଦେୟ ଉପରେ ସୁଧ ହିସାବ କରିନଥିଲା । ସମୀକ୍ଷାରେ ଦେଖାଗଲା ଯେ, ଦେୟ ସଂଗ୍ରହ ନକରିବାର କାରଣ ମୁଖ୍ୟତଃ ତଥ୍ୟର ଅନୁପଯୁକ୍ତ ରକ୍ଷଣାବେକ୍ଷଣ, ଠିକ୍ ସମୟରେ ଚୁକ୍ତିନାମାର ନବୀକରଣ ନହେବା, ଭଡ଼ାଟିଆଙ୍କ ସହ ବିବାଦ, ଲିଫ୍ଟର ରକ୍ଷଣାବେକ୍ଷଣ ନହେବା ଇତ୍ୟାଦି ଥିଲା । ଉପରୋକ୍ତ କାରଣଗୁଡିକ ହେତୁ ବ୍ୟବସାୟିକ ଟାୱାରର ଭଡ଼ା ଦେବାରେ ଉଲ୍ଲେଖନୀୟ ଅପାରଗତା ରହିଥଲା ।

[71] ଇଡ୍‌କୋ ଟାୱାର (ଜି+10), ଫରଚୁନ୍ ଟାୱାର (ଜି+7) ଏବଂ ଟାୱାର -2000 (ଜି+6) ।

ଇଡ୍‌କୋ ଉତ୍ତର ଦେଇଥିଲା (ଅଗଷ୍ଟ 2020) ଯେ, ସମୀକ୍ଷା ଦ୍ୱାରା କରାଯାଇଥିବା ପର୍ଯ୍ୟବେକ୍ଷଣଗୁଡ଼ିକ ଧ୍ୟାନ ଦିଆଯିବ ଏବଂ ବକେୟା ଅର୍ଥ ହାସଲ ପାଇଁ ପଦକ୍ଷେପ ନିଆଯିବ।

***ଭୁବନେଶ୍ୱର ବାହାରେ ବ୍ୟବସାୟିକ ଟାୱାର ନିର୍ମାଣ***

**5.10.2** ବ୍ୟବସାୟିକ ସମ୍ପ୍ରସାରଣ ପାଇଁ ଏକ ସ୍ୱତନ୍ତ୍ର ଉଦ୍ୟମ ମାଧ୍ୟମରେ, ଇଡ୍‌କୋ ଝାରସୁଗୁଡ଼ା, ଢେଙ୍କାନାଳ ଏବଂ ବାଲେଶ୍ୱର ଠାରେ କାର୍ଯ୍ୟାଳୟ ତଥା ବ୍ୟବସାୟିକ ଭବନ ନିର୍ମାଣ କରିବା ପାଇଁ ପ୍ରସ୍ତାବ (ଅକ୍ଟୋବର 2013) ଦେଇଥିଲା। ଏହି ପରିପ୍ରେକ୍ଷୀରେ, ସମୀକ୍ଷାରେ ଦେଖାଗଲା ଯେ:

- ବାଲେଶ୍ୱରରେ 5.58 ଏକର ଜମିରେ ପ୍ରସ୍ତାବିତ କୋଠା ପାଇଁ ଡିପିଆର ପ୍ରସ୍ତୁତି ପାଇଁ ଜଣେ ପରାମର୍ଶଦାତାଙ୍କୁ ଇଡ୍‌କୋ 0.72 କୋଟି ପ୍ରଦାନ (ଜୁଲାଇ 2015) କରିଥିଲା। କିନ୍ତୁ, 2.64 ଏକର ଜମି ଡିଆଇସି କାର୍ଯ୍ୟାଳୟ ଦ୍ୱାରା ଜବର ଦଖଲ ହୋଇଥିଲା ଏବଂ 2.94 ଏକର ଜମିର ଆର୍‌ଓଆର୍ ଏପର୍ଯ୍ୟନ୍ତ ମେସର୍ସ ରାଣିଗଞ୍ଜ ଟାଇଲ୍ସ ଫ୍ୟାକ୍ଟ୍ରି ନାମରେ ଥିଲା। ତେଣୁ ଜମିର ମାଲିକାନା ସ୍ଥିର ନକରି, ଇଡ୍‌କୋ ବାଲେଶ୍ୱରରେ ଭବନ ନିର୍ମାଣ ପାଇଁ ଏକ ଡିପିଆର୍ ପ୍ରସ୍ତୁତ ପାଇଁ 0.72 କୋଟି ଟଙ୍କା ଖର୍ଚ୍ଚ କରିଥିଲା ଯାହାର ନିର୍ମାଣ ଏପର୍ଯ୍ୟନ୍ତ ଆରମ୍ଭ ହୋଇନଥିଲା (ଅଗଷ୍ଟ 2020)। ଇଡ୍‌କୋ ଢେଙ୍କନାଳ ଠାରେ କାର୍ଯ୍ୟ ପାଇଁ ଡିସେମ୍ବର 2014 ରେ ଠିକାଦାରଙ୍କୁ 26.14 କୋଟି ଟଙ୍କାରେ କାର୍ଯ୍ୟାଦେଶ ଜାରି କରିଥିଲା। ଆର୍‌ଓଆର୍ ସମସ୍ୟା ହେତୁ, କାର୍ଯ୍ୟର ଅବସ୍ଥାନ ବଦଳି ଯିବାରୁ (ନଭେମ୍ବର 2015) ନକ୍ସାର ପରିବର୍ତ୍ତନ ଆବଶ୍ୟକ ହୋଇଥିଲା କାରଣ ଚଟାଣ କ୍ଷେତ୍ରଫଳ 29 ପ୍ରତିଶତ ବୃଦ୍ଧି ପାଇଥିଲା ଏବଂ 36.11 କୋଟି ଟଙ୍କାର ସଂଶୋଧିତ ଅଟକଳ (ମାର୍ଚ୍ଚ 2017) କରାଯାଇଥିଲା।

  ଠିକାଦାରଙ୍କ ସହିତ ଚୁକ୍ତିନାମା ଅନୁଯାୟୀ, କାର୍ଯ୍ୟାଦେଶ ପରିମାଣର 25 ପ୍ରତିଶତରୁ ଅଧିକ ପରିମାଣ ପାଇଁ ୟୁନିଟ୍ ଦେୟ ଚୁକ୍ତିଭିତ୍ତିକ ଦର ବଦଳରେ ଚଳନ୍ତି ମୂଲ୍ୟ ସୂଚୀ ଦରରେ ପ୍ରଦାନ କରାଯିବ। କାର୍ଯ୍ୟ ଅବସ୍ଥାନରେ ପରିବର୍ତ୍ତନ ଏବଂ କାର୍ଯ୍ୟ ସୂଚୀରେ ବୃଦ୍ଧି ସତ୍ତ୍ୱେ, ଇଡ୍‌କୋ ସଂଶୋଧିତ ଆକଳନ ଅନୁସାରେ ଠିକାଦାରଙ୍କ ସହିତ ହୋଇଥିବା କାର୍ଯ୍ୟାଦେଶକୁ ସଂଶୋଧନ କରିନଥିଲା। ଫଳସ୍ୱରୂପ, ବର୍ଦ୍ଧିତ ପରିମାଣର 25 ପ୍ରତିଶତ ପରିବର୍ତ୍ତେ ମୂଳ ପରିମାଣର 25 ପ୍ରତିଶତରୁ ଅଧିକ କାର୍ଯ୍ୟ ପାଇଁ ଠିକାଦାରଙ୍କୁ ଚଳନ୍ତି ମୂଲ୍ୟସୂଚୀ ଦରରେ ଦେୟ ପ୍ରଦାନ କରାଯାଇଥିଲା। ଏହା ଫଳରେ, ଅଧିକ କାର୍ଯ୍ୟ ପରିମାଣ ପାଇଁ ଅଧିକ ଦରରେ ଦେୟ ପ୍ରଦାନ କରାଯାଇଥିଲା ଯାହା ଦ୍ୱାରା 2.70 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହୋଇଥିଲା ଯେଉଁଥିରୁ ଠିକାଦାରଙ୍କୁ 0.58 କୋଟି ଟଙ୍କା ପ୍ରଦାନ (ଜୁନ୍ 2019) କରାଯାଇସାରିଛି। ସେବା ଟିକସ ପାଇଁ ନିଲାମ ଡକାଳିଙ୍କ ଦାବି ହେତୁ କାର୍ଯ୍ୟର ଟେଣ୍ଡର ଚୂଡ଼ାନ୍ତ ହୋଇ ପାରିନଥିବାରୁ, ଝାରସୁଗୁଡ଼ା ଠାରେ କାର୍ଯ୍ୟ ତିନି ବର୍ଷରୁ ଅଧିକ ବିଳମ୍ବ ପରେ ପ୍ରଦାନ (ମାର୍ଚ୍ଚ 2017) କରାଯାଇଥିଲା। ତୃତୀୟ ଥର ପାଇଁ ଟେଣ୍ଡର ବାତିଲ (ଜାନୁଆରୀ 2015) ହେବା ପରେ, ଅକ୍ଟୋବର 2015 ରେ ସେବା ଟିକସ ଦାବିକୁ ଗ୍ରହଣ କରି ଚତୁର୍ଥ ଥର ପାଇଁ ଟେଣ୍ଡର ଆମନ୍ତ୍ରଣ କରାଯାଇଥିଲା। ତେଣୁ ଟେଣ୍ଡର ପାଇଁ ପ୍ରଯୁଜ୍ୟ ନିୟମର ପ୍ରଭାବ ଉପରେ ସ୍ପଷ୍ଟତାର ଅଭାବରୁ ଏହିପରି ବିଳମ୍ବ ମୁଖ୍ୟତଃ ହୋଇଥିଲା।

ପ୍ରସ୍ଥାନ ସମ୍ମିଳନୀରେ ଜିଓଓ ପର୍ଯ୍ୟବେକ୍ଷଣ ଗୁଡ଼ିକୁ ସ୍ୱୀକାର କଲେ ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହ କରାଯିବ ବୋଲି କହିଥିଲେ।

ତେଣୁ ଇଡ୍‌କୋ ଭୁବନେଶ୍ୱର ବାହାରେ ସ୍ଥାନ ଗୁଡ଼ିକର ଭଡ଼ା ଦେବା ପାଇଁ ବିସ୍ତୃତ ଅଧ୍ୟୟନ ଏବଂ ଦକ୍ଷ ଏବଂ ପ୍ରଭାବଶାଳୀ ଚୁକ୍ତିନାମା ପରିଚାଳନା କରିବାରେ ବିଫଳ ହୋଇଥିଲା।

***ସୁପାରିଶ 4:*** *ଯେହେତୁ ଉଦ୍ୟୋଗୀମାନଙ୍କୁ ଭଡ଼ା ସ୍ଥାନ ଯୋଗାଇବା ପାଇଁ ବିପୁଳ ପୁଞ୍ଜି ନିବେଶ କରାଯାଇଥାଏ, ଇଡ୍‌କୋ ଦୂରଦର୍ଶୀ ଚୁକ୍ତିନାମା ପରିଚାଳନା ମାଧ୍ୟମରେ ମିତବ୍ୟୟିତା, ଦକ୍ଷତା ଏବଂ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ କ୍ଷମତା ବିକଶିତ କରିବା ଉଚିତ୍।*

## ଆର୍ଥିକ ପରିଚାଳନା, ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ପର୍ଯ୍ୟାଲୋଚନା

**5.11** ଅର୍ଥ ବିଭାଗ, ଜିଓଓ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଇଡ୍‌କୋ ଏହାର ଅତିରିକ୍ତ ପାଣ୍ଠିକୁ ସୁଧ ଦର ପାଇଁ ନିଲାମ ଡାକି ନିବେଶ କରିଥିଲା। 31 ମାର୍ଚ୍ଚ 2019 ସୁଦ୍ଧା, ଇଡ୍‌କୋ ସ୍ଥାୟୀ ଜମା (ଏଫ୍‌ଡି) ଭାବରେ ମୋଟ୍ 816.13 କୋଟି ଟଙ୍କା ନିବେଶ କରିଥିଲା, ଯାହାମଧ୍ୟରୁ 55.63 କୋଟି ଟଙ୍କା ବ୍ୟାଙ୍କ ଗ୍ୟାରେଣ୍ଟି (ବିଜି) ବିରୁଦ୍ଧରେ ରଖାଯାଇଥିଲା। ସମୀକ୍ଷାରେ ଅତିରିକ୍ତ ପାଣ୍ଠି ନିବେଶର ନିମ୍ନଲିଖିତ ଅଭାବଗୁଡିକ ଦେଖାଗଲା:

i. ଇଡ୍‌କୋ ମିଆଦୀ ଜମା ଯାହା 6.01 ରୁ 9.60 ପ୍ରତିଶତ ଉଚ୍ଚ ସୁଧ ହାର ପ୍ରଦାନ କରେ ତାହା ବଦଳରେ ସିପ୍ ଜମା ଖାତାରେ ବିପୁଳ ପରିମାଣର ଟଙ୍କା ରଖିଥିଲା। ମାର୍ଚ୍ଚ 2018 ସୁଦ୍ଧା, ସିପ ଜମାରେ 201.43 କୋଟି ଟଙ୍କା ନିବେଶ ହୋଇଥିଲା, ଯାହାମଧ୍ୟରୁ 107.86 କୋଟି ଟଙ୍କା ଦୁଇଟି ବ୍ୟାଙ୍କରେ (ଏସ୍‌ବିଆଇ ଏବଂ ଇଣ୍ଡିଆନ୍ ବ୍ୟାଙ୍କ) ରଖାଯାଇଥିଲା ଯେଉଁଥିରେ ଡିସେମ୍ବର 2013 ଠାରୁ କୌଣସି କାରବାର କରାଯାଇନଥିଲା। ସେହି ସିପ ଜମାରୁ 12.37 କୋଟି ଟଙ୍କାର ସୁଧ ଅର୍ଜନ ହୋଇଥିଲା। ସେହି ପରିମାଣର ଟଙ୍କା ଯଦି ମିଆଦୀ ଜମାରେ ନିବେଶ କରାଯାଇଥାନ୍ତା, ତା ହେଲେ ଇଡ୍‌କୋ 17.50 କୋଟି ଟଙ୍କାର ସୁଧ ଅର୍ଜନ କରିପାରିଥାନ୍ତା। ମିଆଦୀ ଜମାରେ ନିବେଶ ନକରିବାରୁ 5.13 କୋଟି ଟଙ୍କାର ସୁଧ ବାବଦରେ କ୍ଷତି ହୋଇଥିଲା।

ii. ଏହା ଦେଖାଗଲା ଯେ ଉଚ୍ଚ ସ୍ଲାବ (ଅର୍ଥାତ୍ 10 କୋଟି ଟଙ୍କାରୁ ଅଧିକ) ନିବେଶ ଯାହା 6.01 ରୁ 8.81 ପ୍ରତିଶତର ନିମ୍ନ ସୁଧ ଦେଇଥାଏ ତାହା ପରିବର୍ତ୍ତେ ନିମ୍ନ ସ୍ଲାବ (ଅର୍ଥାତ୍ 10 କୋଟି ଟଙ୍କା ପର୍ଯ୍ୟନ୍ତ) ରେ ନିବେଶ ପାଇଁ ବ୍ୟାଙ୍କଗୁଡିକ 6.25 ପ୍ରତିଶତ ରୁ 9 ପ୍ରତିଶତର ଉଚ୍ଚ ସୁଧ ହାର ପ୍ରଦାନ କରିଥାନ୍ତି। 2014-19 ମଧ୍ୟରେ, ଇଡ୍‌କୋ ନିମ୍ନ ସୁଧହାର 1,263 କୋଟି ଟଙ୍କା ନିବେଶ କରିଥିଲା ଯେହେତୁ ଏହା ମୋଟ୍ ନିବେଶ ମୂଲ୍ୟକୁ ନିମ୍ନ ସ୍ଲାବରେ ପୃଥକ କରିନଥିଲା। ଏହା ଦ୍ୱାରା ସୁଧ ବାବଦରେ 5.15 କୋଟି ଟଙ୍କା କ୍ଷତି ସହିଥିଲା।

iii. ମାର୍ଚ୍ଚ 2019 ସୁଦ୍ଧା, ଯଦିଓ ଇଡ୍‌କୋ ପୂର୍ବରୁ 2.50 କୋଟି ଟଙ୍କାର ବିଜି ଫେରସ୍ତ (ଡିସେମ୍ବର 2013) କରିସାରିଥିଲା, ଫେରସ୍ତ ହୋଇଥିବା ବିଜି ବିରୁଦ୍ଧରେ ଥିବା ଏଫ୍‌ଡି ଗୁଡିକ ପୁନଃ ନିବେଶ ନକରି ଧାରଣାଧିକାର ଭାବରେ ରଖାଯାଇଥିଲା। ଏହା ଦ୍ୱାରା 0.57 କୋଟି ଟଙ୍କାର ଅତିରିକ୍ତ ସୁଧ ହାନି ହୋଇଥିଲା କାରଣ ଇଡ୍‌କୋ କେବଳ 2.38 କୋଟି ଟଙ୍କା ସୁଧ ଅର୍ଜନ କରିଥିଲା ଏବଂ ଧାରଣାଧିକାର ସମାପ୍ତ ହେବା ପରେ ତୁରନ୍ତ ମିଆଦୀ ଜମାକୁ ପୁନଃ ନିବେଶ କରିଥିଲେ 2.95 କୋଟି ଟଙ୍କା ରୋଜଗାର ହୋଇପାରିଥାନ୍ତା।

ଜିଓଓ ସମୀକ୍ଷା ପର୍ଯ୍ୟବେକ୍ଷଣକୁ ସ୍ୱୀକାର କଲେ ଏବଂ ପ୍ରସ୍ଥାନ ସମ୍ମିଳନୀରେ ଇଡ୍‌କୋକୁ ଆବଶ୍ୟକୀୟ ନିୟନ୍ତ୍ରଣ ପାଇଁ ପରାମର୍ଶ ଦେଲେ। ଏହାର ଉତ୍ତରରେ ଇଡ୍‌କୋ କହିଲା ଯେ କାର୍ଯ୍ୟାନ୍ୱୟନ ଜାରି ରହିଥିବା ଇଆର୍‌ପି ମାଧ୍ୟମରେ ଆବଶ୍ୟକୀୟ ନୟନ୍ତ୍ରଣ ବ୍ୟବସ୍ଥା କରାଯାଇଅଛି।

iv. ଇଡ୍‌କୋ ଦ୍ୱାରା ଗଠିତ (ଅକ୍ଟୋବର 2016) ସମୀକ୍ଷା ସମିତି ଆରମ୍ଭରୁ କାର୍ଯ୍ୟକ୍ଷମ ନଥିଲା। ଫଳସ୍ୱରୂପ, ନିଗମ ଶାସନନୀତି ନିୟକ ବହି (ସିଜିଏମ୍) ଅନୁଯାୟୀ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ଆର୍ଥିକ ରିପୋର୍ଟ ପ୍ରକ୍ରିୟାର ତଦାରଖ ସମିତି ଦ୍ୱାରା ହୋଇପାରି ନଥିଲା।

v. ନୀତି ନିୟମ ବହି ଅନୁଯାୟୀ, ସମସ୍ତ କାର୍ଯ୍ୟକ୍ଷମ କ୍ଷେତ୍ର ଆଭ୍ୟନ୍ତରୀଣ ସମୀକ୍ଷାର ଅଧିନରେ ଆସିବା ଉଚିତ୍। କିନ୍ତୁ, ଏହା ଦେଖାଗଲା ଯେ ଆଭ୍ୟନ୍ତରୀଣ ସମୀକ୍ଷା ପରିସରରେ ଏକ ଏକରରୁ ଅଧିକ ଜମି ଆବଣ୍ଟନ, ଆଇ.ଇ./ଆଇ.ଏ.ରେ ଶିଳ୍ପ ପ୍ରତିଷ୍ଠାନ ଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତା, ଶିଳ୍ପ ପ୍ରତିଷ୍ଠାନ ମାନଙ୍କଠାରୁ ଆଇଏମ୍‌ସି/ଜିଆର୍ ଏବଂ ଶୁଳ୍କ ସଂଗ୍ରହ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକ ଅନ୍ତର୍ଭୁକ୍ତ ହୋଇନଥିଲା, ଯାହା ଶିଳ୍ପ ପ୍ରୋତ୍ସାହନର ଭୂମିକାକୁ ପ୍ରଭାବିତ କରିଥିଲା। ଫଳସ୍ୱରୂପ, ଇଡ୍‌କୋ ଦ୍ୱାରା ଧାର୍ଯ୍ୟ ଭୂମିକା ହାସଲ କରିବାରେ କାର୍ଯ୍ୟକ୍ଷମ କ୍ଷେତ୍ରଗୁଡିକ ପ୍ରକୃତରେ ସହଯୋଗ କରୁଛନ୍ତି କି ନାହିଁ ନିଶ୍ଚିତ କରିବାକୁ କୌଣସି ତଦାରଖ ପ୍ରଣାଳୀ ନଥିଲା। ଏହି ସବୁର ରାଜ୍ୟରେ ରୋଜଗାର ସୃଷ୍ଟି ଭଳି ଆନୁସଙ୍ଗିକ ଲାଭ ହରାଇବା ସହିତ ଶିଳ୍ପ ପ୍ରୋତ୍ସାହନ ଉପରେ ପ୍ରତିକୂଳ ପ୍ରଭାବ ପଡିଥିଲା।

ଜିଓଓ ସମୀକ୍ଷା ପର୍ଯ୍ୟାବେକ୍ଷଣକୁ ସ୍ୱୀକାର କଲେ ଏବଂ ଆବଶ୍ୟକ ପଦକ୍ଷେପ ନେବାକୁ ସୁନିଶ୍ଚିତ କରିଥିଲେ।

## ଉପସଂହାର

ସମୀକ୍ଷାରେ ଦେଖାଗଲ ଯେ ଇଡ୍‌କୋ ଦ୍ୱାରା ଭୂମି ବ୍ୟାଙ୍କ ଯୋଜନା କାର୍ଯ୍ୟକାରୀ କରିବାର ଗତି ଧୀର ଥିଲା ଯାହା ଉଦ୍ୟୋଗମାନଙ୍କ ପାଇଁ ଜମିର ଠିକ୍ ସମୟରେ ଉପଲବ୍ଧତାକୁ ପୂରଣ କରିନଥିଲା କାରଣ ଏହା ଲକ୍ଷ୍ୟ ଅନୁଯାୟୀ **1,00,000** ଏକର ହାସଲ କରିବାକୁ ବିଜ୍ଞପ୍ତି ଅନୁଯାୟୀ **62,725** ଏକର ଜମି ଅଧିଗ୍ରହଣ କରିଥିଲା। ଇଡ୍‌କୋ ମଧ ଅଧିଗ୍ରହଣ ହୋଇଥିବା ଜମିକୁ ସୁରକ୍ଷିତ କରିନଥିଲା କାରଣ ବର୍ଗ 'ଏ' ଜମିର **38** ପ୍ରତିଶତ ଜବରଦଖଲ ଇତ୍ୟାଦି କାରଣରୁ ବ୍ୟବହାର ଯୋଗ୍ୟ ନଥିଲା ଏବଂ ତୁରନ୍ତ ବ୍ୟବହାର ପାଇଁ ଶିଳ୍ପ ପ୍ରତିଷ୍ଠାନ ଗୁଡିକୁ ଆବଣ୍ଟନ କରାଯାଇ ପାରିନଥିଲା। ସମୀକ୍ଷାରେ ଦେଖାଗଲା ଯେ, ଇଡ୍‌କୋ ତାପଜ ବିଦ୍ୟୁତ୍ ପ୍ରକଳ୍ପ ସଠିକ୍ ଆବଶ୍ୟକତାକୁ ଧାନ ନଦେଇ ସେମାନଙ୍କ ପାଇଁ ଜମି ଅଧିଗ୍ରହଣ ଜାରି ରଖିଥିଲା ଯାହାକି ଦୁର୍ଲଭ ସମ୍ବଳର ସଠିକ୍ ପରିଚାଳନାକୁ ସୂଚିତ କରିନଥିଲା। ରିହାତି ମୂଲ୍ୟରେ ଅଯୋଗ୍ୟ ପ୍ରତିଷ୍ଠାନ ଗୁଡିକୁ ମଧ ଜମି ଆବଣ୍ଟନ କରାଯାଇଥିଲା।

ଯଦିଓ ପାଣ୍ଠି ଉପଲବ୍ଧ ଥିଲା, ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ରକୁ ଭିତ୍ତିଭୂମି ସୁବିଧା ଯୋଗାଇବା ପାଇଁ ସଠିକ୍ ବିକାଶ ଯୋଜନା ପ୍ରସ୍ତୁତ କରିବାରେ ଇଡ୍‌କୋ କ୍ରମାଗତ ଭାବରେ ଲକ୍ଷ୍ୟଠାରୁ ଦୂରରେ ରହିଥିଲା ଯାହା ଭିତ୍ତି ସ୍ଥାପନ ପାଇଁ ପ୍ରତିଷ୍ଠାନଗୁଡିକର ଏକ ପୂର୍ବ ଆବଶ୍ୟକତା ଥିଲା। ଫଳସ୍ୱରୂପ, ଆବଶ୍ୟକ ବିକାଶ ଯୋଜନାଗୁଡିକର ଅନୁପସ୍ଥିତିରେ, ବିଭିନ୍ନ ରଣନିତୀକ ସ୍ଥାନରେ ଆଇଏ/ଆଇଇ ଗୁଡିକ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ସୁବିଧା ଯୋଗାଇବାରେ ସେମାନଙ୍କର ମୂଳ ଭୂମିକାରେ ଇଡ୍‌କୋର କାର୍ଯ୍ୟଦକ୍ଷତା ସନ୍ତୋଷଜନକ ନଥିଲା। **116** ଆଇଏ/ଆଇଇ ଗୁଡିକ ମଧ୍ୟରୁ **95** ଟି ଆବଣ୍ଟନକାରୀଙ୍କ ପାଇଁ ଜଳ ଯୋଗାଣର ମୌଳିକ ବ୍ୟବହାର ଅନୁପସ୍ଥିତି ଯୋଗୁ ନିୟମ ଉଲ୍ଲଙ୍ଘନ କରି ଭୂତଳ ଜଳର ଅନଧିକୃତ ଦୁର୍ବ୍ୟବହାର ହୋଇଥିଲା।

ଶିଳ୍ପ ପାର୍କଗୁଡିକର ପ୍ରୋତ୍ସାହନ ପାଇଁ ଭାରତ ସରକାରଙ୍କ ଯୋଜନା ଗୁଡିକ ସେମାନଙ୍କର ଏକକ ଉପାଦାନ ଗୁଡିକର ସମାପ୍ତି ପାଇଁ ସମୟସୀମା ସ୍ଥିର ନକରି ଏବଂ ଆବଶ୍ୟକ ଅର୍ଥ, କଞ୍ଚାମାଲ ଏବଂ ଭିତ୍ତିଭୂକି ସହାୟତା ଉପଲବ୍ଧତା ପାଇଁ ସେମାନଙ୍କର ସମ୍ଭାବ୍ୟ ମାନଦଣ୍ଡ ଗୁଡିକ ସୁନିଶ୍ଚିତ ନକରି କାର୍ଯ୍ୟକାରୀ କରାଯାଉଥିଲା।

ଆବଣ୍ଟନଗ୍ରାହୀଙ୍କ ଠାରୁ ଜିଆର ଏବଂ ଶୁଳ୍କ ପରି ଆଇନଗତ ଦେୟ ସଂଗ୍ରହ ପାଇଁ ପ୍ରଭାବଶାଳୀ ପ୍ରଣାଳୀର ଅନୁପସ୍ଥିତ ଯୋଗୁ ଏହିପରି ଦେୟ ଗୁଡିକର ଉଲ୍ଲେଖନୀୟ ବକେୟା ରହିଥିଲା। ଇଡ୍‌କୋ ଦ୍ୱାରା ନଥିପତ୍ର ଅଧିକାରର ସଂଶୋଧନ ହୋଇ ନଥିବାରୁ, ବେସରକାରୀ ଜମି ଉପରେ କୌଣସି ଦେୟ ଆଦାୟ ହୋଇନଥିବା ଫଳରେ ରାଜ୍ୟ ତହବିଲକୁ ବାର୍ଷିକ **33.16** କୋଟି ଟଙ୍କା କ୍ଷତିର ଆକଳନ କରାଯାଇଥିଲା।

ଜମି ଆବଣ୍ଟନ ସଠିକ୍ ଦରରେ ହେବା ସୁନିଶ୍ଚିତ କରିବା ପାଇଁ ଇଡ୍‌କୋ ଆବଶ୍ୟକୀୟ ପ୍ରକ୍ରିୟା ପ୍ରତିଷ୍ଠା କରିବା ଆବଶ୍ୟକ କରେ କାରଣ ସମୀକ୍ଷାରେ ଅସମାନତାର ଦୃଷ୍ଟାନ୍ତ ଏବଂ ଏହାର ଭୁଲ ପ୍ରୟୋଗ ଦେଖାଯାଇଥିଲା।